ରାଜ୍ୟ ଯୁଦ୍ଧ ଲଢ଼ୁଥିଲା। କିନ୍ତୁ ରାଜା ନ ଥିଲେ? ବୋଧହୁଏ ଇତିହାସକାରମାନଙ୍କର ଏହା ମତ। କିନ୍ତୁ ଆଜି ଦିନରେ ଭାରତୀୟ ଇତିହାସକାରମାନେ ସେ ସମୟର ଯୁଦ୍ଧ ବ୍ୟବସ୍ଥା, ନାଗରିକ ସମାଜର ସାମୂହିକ ନିଷ୍ପତ୍ତି ଏବଂ ଯୁଦ୍ଧ ରଣନୀତି ଉପରେ ପୁଣି ଅନୁଧ୍ୟାନ ଓ ଗବେଷଣା କରି ଅନେକ ପରଦା ହଟାଇବାର ସମ୍ଭାବନା ଅଛି। ଓଡ଼ିଶାରେ ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ଗଣତନ୍ତ୍ରର ପଦଚିହ୍ନ ଖୋଜିବାକୁ ଆଜି ସମୟ ଆସିଛି କି ନାହିଁ ଥରେ ଚିନ୍ତା କରନ୍ତୁ ? ରାଜା ନ ଥିଲେ, ରାଜ୍ୟ ଓ ଯୁଦ୍ଧ ପରିଚାଳନା ହେଉଥିଲା ଏହା ତ ବଡ଼ ଗବେଷଣାର ପ୍ରସଙ୍ଗ! ମାନେ, ଯଦି ଏହା ସତ ତେବେ ଓଡ଼ିଶା ବିଶ୍ୱକୁ ନୂଆ ମ୍ୟାନେଜମେଣ୍ଟ ଥିଓରି ଶିଖାଇବାର କ୍ଷମତା ରଖିଛି ବୋଲି କୁହାଯାଇପାରିବ ନା ନାହିଁ?

ମୋର ଓଡ଼ିଶାର ନୂଆ ପିଢ଼ିକୁ ଅନୁରୋଧ, ଥରେ କୋଣାର୍କ ଯାଇ ଓଡ଼ିଶାର ବୈଜ୍ଞାନିକ ପରମ୍ପରାକୁ, ଉଦ୍ୟମୀ ସମାଜ ତଥା ପ୍ରାଚୀନ ଯୁଗରେ ଆଧୁନିକତାର ଛାପକୁ ଆଖିରେ ଦେଖନ୍ତୁ। ଆଉ ଥରେ କୋଣାର୍କ ବୁଲନ୍ତୁ, ଅନୁଭବ କରନ୍ତୁ। ଭଗବାନ ସୂର୍ଯ୍ୟନାରାୟଣଙ୍କ ଉଦୟରୁ ଅସ୍ତ, ଗ୍ରହ ମଣ୍ଡଳର ଗତି, ପୃଥିବୀ-ସୂର୍ଯ୍ୟ-ଚନ୍ଦ୍ରର ସ୍ଥିତି–ଅବସ୍ଥିତିର ଗଭୀର ଅଧ୍ୟୟନ ବିନା ସୂର୍ଯ୍ୟମନ୍ଦିର ସମ୍ଭବ କି? ଚତୁଃପାର୍ଶ୍ୱର ସୂର୍ଯ୍ୟମୂର୍ତ୍ତିମାନଙ୍କର ଅବସ୍ଥିତି, ଚକରେ ସମୟ ଗଣନାର ନିର୍ଭୁଲ ପ୍ରକ୍ରିୟା ଓଡ଼ିଆ ଜାତିର ବୈଜ୍ଞାନିକ ଆଧାର ପ୍ରମାଣ ନା ନାହିଁ?

ସୂର୍ଯ୍ୟମନ୍ଦିର ଆମ ପୂର୍ବ ପୁରୁଷମାନେ ଆଷ୍ଟ୍ରୋ ଫିଜିକ୍ସର ଧାରଣା ଥିଲେ ବୋଲି ପ୍ରମାଣିତ କରୁନାହିଁ କି? କୋଣାର୍କରେ ଜିରାଫର ମୂର୍ତ୍ତି ଓଡ଼ିଶାର ଆଫ୍ରିକା ମହାଦେଶ ସହ ସମ୍ପର୍କର ସୂଚନା ଦେଉନାହିଁ କି?

କୋଣାର୍କ କାନ୍ଥରେ ଭ୍ୟାନିଟି ବ୍ୟାଗଧାରୀ ମହିଳାଙ୍କ ମୂର୍ତ୍ତିକୁ ଥରେ ଦେଖନ୍ତୁ। ତ୍ରୟୋଦଶ ଶତାବ୍ଦୀ ମହିଳାଙ୍କ ହାତରେ ଭ୍ୟାନିଟି ବ୍ୟାଗ? ନୂଆ ଓଡ଼ିଶାର ନୂଆ ପିଢ଼ି କୋଣାର୍କର ଏହି ମୂର୍ତ୍ତିକୁ ନିଜେ ଆଖିରେ ଦେଖିବା ଉଚିତ କି ନାହିଁ ?

ଆମର ପୁଅ ପଠାଣି ସାମନ୍ତ କେତେ ଖଣ୍ଡ ବାଉଁଶ ନଳୀରେ ସୂର୍ଯ୍ୟ-ଚନ୍ଦ୍ର, ଗ୍ରହ-ନକ୍ଷତ୍ରଙ୍କ ସ୍ଥିତି ଏବଂ ଅବସ୍ଥିତିର ନିର୍ଭୁଲ ଗଣନା କରିଥିଲେ ନା ନାହିଁ?

ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରକାଶିତ ହେଉଥିବା ପଞ୍ଜିକାର ଗଣନାରେ କେବେ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣର ଗଣନା ଭୁଲ୍ ହୋଇଛି? ବିଜ୍ଞାନର ଦୃଷ୍ଟିରୁ କାହିଁ କେଉଁ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଜାତି ବିଜ୍ଞାନରେ ପାରଙ୍ଗମ ଥିଲା, ଏହା ପ୍ରମାଣ ଦେବାର ଆବଶ୍ୟକତା ଅଛି କି?

ଆମ ସନ୍ଥକବି ଭୀମ ଭୋଇଙ୍କର କାଳଜୟୀ କବିତା ''ପ୍ରାଣୀଙ୍କ ଆରତ, ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ'' ବୋଧହୁଏ ପୃଥିବୀର ସବୁଠୁ ବଡ଼ ଦାର୍ଶନିକମାନଙ୍କଠାରୁ ଆମ ଭୀମ ଭୋଇଙ୍କ ବିଚାର ବହୁ ଉଚ୍ଚକୋଟୀର, ଏଥିରେ ସନ୍ଦେହ କରିବାର କିଛି ଅଛି ? ଓଡ଼ିଶା ହେଉଛି ଏହି ଜାତି। ଯେଉଁଠି ସଂସ୍କୃତ ପରେ ପ୍ରଥମେ ଓଡ଼ିଆ ଭାଷାରେ ସାରଳା ଦାସ ମହାଭାରତ ରଚନା କରିଥିଲେ। ମହାକବି କାଳିଦାସ ଓଡ଼ିଶାର ରାଜାଙ୍କୁ 'ମହୋଦଧି ପତି' ଅର୍ଥାତ୍ ସମୁଦ୍ରର ରାଜା ଭାବେ ସମ୍ବୋଧିତ କରିଛନ୍ତି।

ଆମର ସାଧବପୁଅ ପୁରା ଦକ୍ଷିଣ-ପୂର୍ବ ଏସୀୟ ଦେଶ ସମୂହରେ ବେପାର ବଣିଜ କରି ଓଡ଼ିଶାକୁ ସମ୍ପନ୍ନ କରି ନ ଥିଲେ ବରଂ ସମଗ୍ର ବିଶ୍ୱରେ ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ଏକ ଆଗୁଆ ଭୂଖଣ୍ଡ କରିଥିଲେ। ଏ ଜାତିର ଗୌରବର ଗାଥା ଗଙ୍ଗାରୁ ଗୋଦାବରୀ ବିଜୟର ସଫଳତା ପଛରେ ଲୁଚିଛି।

ଆଜି ପବିତ୍ର ସ୍ୱାଧୀନତା ଦିବସରେ ନୂଆ ଓଡ଼ିଶାର ନୂଆ ପିଢ଼ିଙ୍କୁ ଓଡ଼ିଶାର ଐତିହ୍ୟ ପରମ୍ପରା ଏବଂ ମହାନ୍ ଇତିହାସର ଅଧ୍ୟୟନ କରିବା ସହ ସେଥିରେ ଗର୍ବିତ ହେବାକୁ ଆହ୍ୱାନ ଜଣାଉଛି।

୨୦୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୪୭ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ହେବ। ୨୦୨୫ରୁ ୨୦୩୬ ଆଉ ୧୦-୧୧ ବର୍ଷର ସମୟ। ୨୦୨୫ରୁ ୨୦୪୭ ଆଉ ୨୦-୨୨ ବର୍ଷର ସମୟ। ହାତରେ ମୋଟ ୨ ଦଶନ୍ଧିର ସମୟ ଏବଂ ସେଥିରେ ପ୍ରଥମ ଦଶନ୍ଧି ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

ଆସନ୍ତୁ ପବିତ୍ର ସ୍ୱାଧୀନତା ଦିବସରେ ଗଣତନ୍ତ୍ରର ଜୟ ଜୟକାର କରିବା ତା'ସହ ବିକାଶ ପାଇଁ ହିଁ ଗଣତନ୍ତ୍ର ଏହାର ମହତ୍ତ୍ୱକୁ ବୁଝି ବିକଶିତ ଭାରତର ମୂଳଦୁଆ ଆମ ଜନ୍ମମାଟି ଓଡ଼ିଶାକୁ ପକାଇବା। ସେଥିପାଇଁ ସୁଚିନ୍ତିତ ଯୋଜନା ସହ ସମୟବଦ୍ଧ ଲକ୍ଷ୍ୟ ଆଧାରିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମୋ ସରକାର ବଦ୍ଧପରିକର।

ସାମ୍ନାରେ ଆମର ଭିଜନ-୨୦୩୬ ଅଛି। ୨୦୨୯ ମସିହା ସୁଦ୍ଧା ଆମର ଲକ୍ଷ୍ୟ ସଂକଳ୍ପପତ୍ର ମାଧ୍ୟମରେ ଉପଲବ୍ଧ। ଗଣତନ୍ତ୍ରରେ ବିତର୍କ ଓ ଆଲୋଚନା ମାଧ୍ୟମରେ ସବୁ ମତ, ମତ ପାର୍ଥକ୍ୟକୁ ବିକାଶ ପାଇଁ ମଞ୍ଚରେ ଏକାଠି କରି ଆସନ୍ତୁ ଆମର ଭବିଷ୍ୟତ ପାଇଁ ଏକମତ ହେବା।

ମୋର ଓଡ଼ିଶାର ପ୍ରିୟ ଭାଇ ଓ ଭଉଣୀମାନେ ଆମର ନିଷ୍ପାପର ଉଦ୍ୟମ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମକୁ ସଫଳତାର ଶୀର୍ଷକୁ ନେଇପାରିବ ବୋଲି ଓଡ଼ିଆ ଜାତିର ଏହା ଦୃଢ଼ ବିଶ୍ୱାସ। ଦିନେ ମହାପ୍ରଭୁ ବଡ଼ଭାଇଙ୍କ ସହ କଳା-ଧଳା ଘୋଡ଼ାରେ ଚଢ଼ି ଆମ ରାଜା ଓ ରାଜ୍ୟବାସୀଙ୍କ ମାନ ରଖିବା ପାଇଁ କାଞ୍ଚି ବିଜୟରେ ବାହାରି ଥିଲେ। ଓଡ଼ିଆଙ୍କ ଏହି ଅଖଣ୍ଡ ଜନ ବିଶ୍ୱାସରେ ଜଣେ ସାଧାରଣ ଓଡ଼ିଆ ଓ ଆଦିବାସୀ ଭାବରେ ମୁଁ ବି ସାମିଲ। ଆସନ୍ତୁ ପୁଣି ଥରେ ଆମ ରାଜ୍ୟ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆଜି ଦିନରେ ଶପଥ ନେବା।

ବନ୍ଦେ ଉତ୍କଳ ଜନନୀ
ଭାରତ ମାତାଙ୍କ ଜୟ

ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

# ମହାଯୋଗୀ ଶ୍ରୀଅରବିନ୍ଦ


ବିମଳ ପ୍ରସନ୍ନ ଦାସ

ଶ୍ରୀଅରବିନ୍ଦଙ୍କ ପବିତ୍ର ଆବିର୍ଭାବ ଦିବସ (୧୫ ଅଗଷ୍ଟ ୧୮୭୨) ର ମହିମା ପ୍ରତିପାଦିତ କରି ଦିବ୍ୟ ଜନନୀ ଶ୍ରୀମା ଏହାକୁ ଶାଶ୍ୱତଙ୍କ ଜନ୍ମ ଭାବରେ ଅଭିହିତ କରିଛନ୍ତି । ଏହାର ତାତ୍ପର୍ଯ୍ୟ ବୁଝାଇ କହିଛନ୍ତି, ଆଧାତ୍ମିକ ଦୃଷ୍ଟିରୁ ଏହା ହେଉଛି ପୃଥିବୀ ପୃଷ୍ଠରେ ପରମ ଓ ଶାଶ୍ୱତଙ୍କର ଶାଶ୍ୱତ ଆବିର୍ଭାବ। ୧୫ ଅଗଷ୍ଟ ୧୯୪୭ରେ ଭାରତ ବି ସ୍ୱାଧୀନ ହୋଇଥିଲା। ଯୁଗପୁରୁଷଙ୍କ ଜନ୍ମତିଥିରେ ଏକ ସ୍ୱାଧୀନ ରାଷ୍ଟ୍ରର ପ୍ରତିଷ୍ଠା ହେବା କେବଳ ଏକ ଆକସ୍ମିକତା ନ ହୋଇ ପାରେ, ତାହା ହୋଇପାରେ ଏକ ବିଧାନ, ଏକ ଆଲୌକିକତା। ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଭାରତ ନଦୀ, ଗିରି, ବନ, ପାହାଡ଼, ପର୍ବତ ଓ କାଉଁରର ସମାହାର କିମ୍ବା ୪୦ କୋଟି ଲୋକଙ୍କର ଅଧିଷ୍ଠିତ ଭୂମି ନୁହେଁ ଏହା ଏକ ଅଖଣ୍ଡ ସଂସ୍କୃତିର ପ୍ରବହମାନ ଧାରା, ଏକ ଜୀବନ୍ତ ସତ୍ତା ମା। ତା'ର ବିକାଶଶୀଳ ଆତ୍ମା, ଏକ ବିଧିବର୍ଣ୍ଣା, ପ୍ରଜ୍ଞାମୟୀ, ମମତାମୟୀ, ସନ୍ଦେହନଶୀଳା, ପୁଣ୍ୟମୟୀ ମା'। ତା'ର ଗୌରବ-ପୂର୍ଣ୍ଣ ଅତୀତକୁ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ସହ ସଂଯୁକ୍ତ କରୁଥିବା ତାଙ୍କର ଆଧାତ୍ମିକ ଉପଲବ୍ଧି ତାଙ୍କ ତପସ୍ୟାର ଫଳଶ୍ରୁତି। ୧୫ ଅଗଷ୍ଟରେ ଭାରତ ସ୍ୱାଧୀନ ହେବା ତା'ର ସ୍ଥୂଳ ପରିପ୍ରକାଶ। ଏହି ପବିତ୍ର ଐତିହାସିକ ଦିବସ ବିରଳ ଗୌରବ ବହନ କରିଛି ଯେତେବେଳେ ରାଷ୍ଟ୍ର ତଥା ରାଷ୍ଟ୍ରନାୟକମାନଙ୍କର ଯୁଗ୍ମ ଜୟନ୍ତୀ ପାଳିତ ହେଉଥିବା।

ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟିରେ ଭାରତୀୟତା ଏକ ବିସ୍ତୃତ ଚେତନା। ତାଙ୍କୁ ଅଭିବ୍ୟକ୍ତ କରି ଶ୍ରୀମା ଯଥାର୍ଥରେ କହିଛନ୍ତି, 'ଶ୍ରୀଅରବିନ୍ଦଙ୍କୁ କିଏ ବୁଝିପାରିବ? ସେ ତ ବିଶ୍ୱ ଭଳି ବିଶାଳ ଏବଂ ଅସୀମ ଓ ଅନନ୍ତ ତାଙ୍କର ବାର୍ତ୍ତା। ସେ ବୈରାଗୀ, ବନଚାରୀ ବା ସନ୍ନ୍ୟାସୀ ନୁହନ୍ତି। ସେ ହିଁ ମୁକ୍ତି ସଂଗ୍ରାମର ମହାସଙ୍ଗୀତ 'ବନ୍ଦେ ମାତରମ୍'ର ଆଗ୍ନେୟ ଆହ୍ୱାନ। ଉତ୍ସାହ ଓ ଉଦ୍ଦୀପନାର ଅଫୁରନ୍ତ ଉତ୍ସ। ସେ ମହାଯୋଗୀ, ଜ୍ଞାନ, ଭକ୍ତି ଓ କର୍ମର ଅପୂର୍ବ ସମନ୍ୱୟ-ପୂର୍ଣ୍ଣ ଯୋଗର ପବିତ୍ର ତ୍ରିବେଣୀ ସଙ୍ଗମ। ଶ୍ରୀମାଙ୍କ ଅନୁପମ ଭକ୍ତି 'ଶ୍ରୀଅରବିନ୍ଦଙ୍କ ବାଣୀ ଅସ୍ଥାନ ସୂର୍ଯ୍ୟାଲୋକ ସଦୃଶ ଭବିଷ୍ୟତକୁ ଉଦ୍ଭାସିତ କରେ'। ସମଗ୍ର ବିଶ୍ୱ ଏକାତ୍ମ ଓ ଆଦି ଚେତନାର ପ୍ରବାହ। ସେ ହିଁ ଚେତନାର କ୍ରମ ବିକାଶ, ଅଭିଯାନ ଆରୋହଣ ଉତ୍ତରଣ ଓ ଅବତରଣ। ଜଡ଼ରୁ ଜୀବନ, ପ୍ରାଣ, ମନ ଓ ଅତିମାନସ – ଏ ସବୁର ନିଶ୍ଚିତ ପ୍ରତିଶ୍ରୁତି ସେ ରଖିଯାଇଛନ୍ତି। ଚୈତନ୍ୟ ପୁରୁଷଙ୍କ ଜାଗରଣ, ମନ, ପ୍ରାଣ, ଶରୀରର ବିବର୍ତ୍ତନ ଏ ସମସ୍ତ ରହସ୍ୟ ତାଙ୍କ ଦିବ୍ୟଦୃଷ୍ଟିରେ ଉଦ୍ଘାଟିତ ହୋଇଛି। ଅତିମାନସ ଶକ୍ତିର କ୍ରିୟା ଫଳରେ କହ ମଣିଷ ତା' ଦେହ ଓ ମୁକ୍ତିରେ ଦେବତାର ସ୍ୱରୂପ କିଏ ଦେଖିବ? ('ସାବିତ୍ରୀ' ୬୨୪ ପୃଷ୍ଠା)

ଶ୍ରୀଅରବିନ୍ଦଙ୍କ ଭବିଷ୍ୟତର ମହାକାବ୍ୟ, 'ସାବିତ୍ରୀ' ଯୋଗମାର୍ଗ ବିଚ୍ଛୁରିତ ସଂସ୍କାର। ତାଙ୍କ ଦିବ୍ୟଜୀବନ ଗ୍ରନ୍ଥ (LIFE DIVINE) ଯୋଗ ସମନ୍ୱୟ (SYNTHESIS OF YOGA) ବେଦର ରହସ୍ୟ (SECRETS OF VEDA), ଗୀତା ନିବନ୍ଧମାଳା (ESSAYS OF GITA) ଭାରତୀୟ ସଂସ୍କୃତିର ମୂଳଧାର (FOUNDATION OF INDIAN CULTURE) ଯୋଗ ପତ୍ରାବଳି (LETTERS ON YOGA) ପ୍ରଭୃତି ଗ୍ରନ୍ଥରେ ଜଗତ ଓ ଜୀବନର ଅବିଶ୍ୱସନୀୟ ଅତୀତ ସହ ଅନନ୍ତ ସମ୍ଭାବନାମୟ ଭବିଷ୍ୟତ ଉନ୍ମୋଚିତ ହୋଇଛି। ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି ଭାରତର ସ୍ୱଧର୍ମ ଓ ସ୍ୱଭାବର ପ୍ରତିଷ୍ଠା ସେ ପ୍ରତ୍ୟକ୍ଷ କରିଛନ୍ତି ଏବଂ ମହତ୍ତର ଅତିମାନସ ମାନବୋତ୍ତର ପ୍ରାଣୀର ଆବିର୍ଭାବ ଏବଂ ସାମ୍ପ୍ରତିକ ସମୟର ଗ୍ଲାନି, ହିଂସା, ଦ୍ୱେଷ ଓ ଅତ୍ୟାଚାର ସତ୍ତ୍ୱେ ଏକ ନୂତନ ଯୁଗର ଆଗମନୀ। ଅନ୍ଧକାର ଓ ନିଶ୍ଚେତନା ଉପରେ ବିଜୟ ଲାଭ କରିଥିବା ଦିବ୍ୟଚେତନାର ଅଭ୍ୟୁଦୟ। ମଣିଷର ସମ୍ଭାବନାମୟ ଭବିଷ୍ୟତ ସମ୍ପର୍କରେ ସେ ପ୍ରଚଣ୍ଡ ଆଶାବାଦୀ। ତାଙ୍କର ବାଣୀ ଓ ରାଶି ରାଶି ରଚନା ପାଠକଲେ ମଣିଷ ଆଶାୟୀ ହୁଏ, ଆଶ୍ୱସ୍ତ ହୁଏ ଯେ ଏ ସଭ୍ୟତାର ଉତ୍ତରଣ, ଅବକ୍ଷିଣୀୟ ଏ ପୃଥିବୀ ଧ୍ୱଂସ ପାଇବ ନାହିଁ। ବିଶ୍ୱାସ ଓ ବାସ୍ତବତା, ସଂସାର ଓ ଈଶ୍ୱର ମଧ୍ୟରେ ରହି ଆସିଥିବା ଯୁଗ ଯୁଗର ବ୍ୟବଧାନର ସେ ସଫଳ ତଥା ସାର୍ଥକ ସଂଯୋଜକ। ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଶ୍ରୀଚୈତନ୍ୟ ଓ ନାନକ ପ୍ରଭୃତି ଯେତେ ଅବତାର ଓ ସିଦ୍ଧ ସାଧକଙ୍କର ପ୍ରବାଦ ଓ ପ୍ରବଚନ ରହିଛି ସେ ଠିକ୍ ସେପରି ନୁହନ୍ତି ବା ସେସବୁ ସହିତ ଏକ ସଂଯୋଜନ ନୁହନ୍ତି। ସେ ସ୍ୱତନ୍ତ୍ର ଓ ବିରଳ। ତାଙ୍କର ବିଦ୍ୟାତ ସାମ୍ପ୍ରତିକ ଅମାନୁଷିକତାର ମଣିଷ ଜାତିକୁ ଅତିମାନସିକତା ଆଡ଼କୁ ନେଇଯାଉ। ଆଜି ସେ ମହାଯୋଗୀଙ୍କ ପବିତ୍ର ଜନ୍ମତିଥିରେ ଆମେ ତାଙ୍କ ପାଦପଦ୍ମରେ କୋଟି ପ୍ରଣାମ ନିବେଦନ କରୁଛୁ।



ଆଜିର ଅର୍ଦ୍ଧପଶୁବତ ମଣିଷ ଦିବ୍ୟ ସ୍ୱରୂପ ଧାରଣ କରିବ, ଏ ପୃଥିବୀ ଦିବ୍ୟ ମାନବ ଦ୍ୱାରା ଅଧିଷ୍ଠିତ ହେବ, ଏହା ସେ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରି ଯାଇଛନ୍ତି। ଅତିମାନସ କ୍ରିୟା ଫଳରେ ଏ ମଣିଷ ଦିବ୍ୟ ମାନବର ରୂପାନ୍ତରିତ ହୋଇଯିବ। ମୃତ୍ୟୁର ସନ୍ତାନ ବୁଝିପାରିବ ସେ ହିଁ 'ଅମୃତର ସନ୍ତାନ'। ଶ୍ରୀଅରବିନ୍ଦ 'ଦିବ୍ୟ ଜୀବନ ଗ୍ରନ୍ଥ'ରେ ୬୮୪-୮୫ ପୃଷ୍ଠାରେ ଏହା ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଏହି ଭକ୍ତି ହିଁ ମୃତ୍ୟୁ ଦେବତାଙ୍କ ପ୍ରଶ୍ନର ମା' ସାବିତ୍ରୀଙ୍କ ଯଥାର୍ଥ ଉତ୍ତର। ସତ୍ୟବାନଙ୍କ ଜୀବନ ଫେରାଇ ଦେବାପାଇଁ ମା' ଦାବି କଲାରୁ ଯମରାଜ ଅତ୍ୟନ୍ତ ବିସ୍ମିତ କରି କହିଲେ 'ଏଇ ଦୁଇଗୋଡ଼ିଆ ଲଙ୍ଗଳା, ପୁଙ୍ଗୁଳା କୀଟ ଯାହାକୁ

ମୋ: ୯୪୩୮୧୮୬୬୬୬

## ଏଇ ଭାରତରେ

କାଶ୍ମୀର ଜକବାୟୁରେ ସାଫ୍ରୋନ ଚାଷ ହୁଏ। ଭାରତର ଅନ୍ୟ ଅଞ୍ଚଳରେ ଏହି ଚାଷ ଅସମ୍ଭବ ଥିବାବେଳେ ତାହାକୁ ସମ୍ଭବ କରିପାରିଛନ୍ତି କେରଳର ଶେଷାଦ୍ରି ଶିବକୁମାର। ସେ ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି, ଯାହା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ପେସାରେ ସେ ଜଣେ ସିଭିଲ ଇଞ୍ଜିନିୟର। ଶେଷାଦ୍ରି କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଠିକ୍ ଭାବେ ଚାଷ କରିବା ପାଇଁ ସେ ମଧ୍ୟ କୃଷି ବୈଜ୍ଞାନିକଙ୍କ ସହଯୋଗ ନେଇଥିଲେ ଏବଂ ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ବଡ଼କଥା ହେଉଛି ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ କୁହୁଡ଼ିଯୁକ୍ତ ଜଳକଣା ବ୍ୟବହାର କରି କରାଯାଉଥାଏ)ରେ ସେ ଏହି ଚାଷ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ତାଙ୍କ ସଫଳତାର ବଡ଼ ଦିଗ ହେଉଛି ସେ ଗୋଟିଏ ବର୍ଷରେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିପାରିଛନ୍ତି। କେରଳରେ ସାଫ୍ରୋନ ଚାଷକୁ ବ୍ୟାପକ କରିବା ପାଇଁ ଶେଷାଦ୍ରି ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳେ ଧରିତ୍ରୀ

୧୫ ଅଗଷ୍ଟ ୧୯୭୬

- ରାଜ୍ୟ ପ୍ରଦେଶ କଂଗ୍ରେସର ଏକ ନିଜସ୍ୱ ସମ୍ବିଧାନ ପ୍ରଣୟନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭୁବନେଶ୍ୱରସ୍ଥିତ ସମବାୟ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ନୂତନ ଅଡିଟ୍ ଉପାଧି ପାଠ୍ୟକ୍ରମ ଆରମ୍ଭ କରାଯାଇଛି।

## ଚିରନ୍ତନୀ

ଧ୍ରୁବତାରା ସମ ସେ ମୋତେ ଝୁରୁଛି
ଚାହିଁ ରହେ ନିତି ନିତି
ବସନ୍ତ-ଫୁଲ କାନନ୍ତୁ ତାହାର
କହିଯାଏ ସ୍ନେହ ପ୍ରୀତି
ସ୍ୱପ୍ନ ସୁନୀଳ ମୁଖ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁରୁଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ଝୁରୁଛି
ଚାହିଁ ରହେ ନିତି ନିତି ।
-(ମଧୁ-ବିହାଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | 8 | | | | 5 | | |
| | | | | | 6 | | 7 | |
| | | | | | 2 | | | |
| 3 | 7 | | | | | 9 | | |
| 6 | | | 7 | | | | | |
| | | | | 5 | | | | 1 |
| | 8 | | | | | | | |
| | 4 | 1 | 6 | 3 | | | | 2 |
| | | | | | | | | 3 |
| 9 | | | | 8 | | 4 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 1 | 8 | 4 | 6 | 7 | 3 |
| 1 | 4 | 3 | 7 | 5 | 6 | 8 | 2 | 9 |
| 6 | 7 | 8 | 2 | 3 | 9 | 5 | 1 | 4 |
| 7 | 8 | 4 | 9 | 2 | 5 | 1 | 3 | 6 |
| 3 | 6 | 2 | 8 | 4 | 1 | 7 | 9 | 5 |
| 5 | 1 | 9 | 3 | 6 | 7 | 2 | 4 | 8 |
| 8 | 9 | 6 | 4 | 1 | 2 | 3 | 5 | 7 |
| 2 | 3 | 7 | 5 | 9 | 8 | 4 | 6 | 1 |
| 4 | 5 | 1 | 6 | 7 | 3 | 9 | 8 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଛରେ ଟିଣ ବିଜ୍ଞାପନ

ମହାଶୟ,

ରାସ୍ତାପାର୍ଶ୍ୱରେ ଥିବା ଗଛ ଦେହରେ ବିଭିନ୍ନ ସଂସ୍ଥାର ମୁଦ୍ରିତ ଟିଣରେ ନିର୍ମିତ ବିଜ୍ଞାପନ ମାନ ଲୁହାକଣ୍ଟାରେ ମରାହୋଇଥିବା ପରିଲକ୍ଷିତ ହେଉଛି। ବିଶେଷକରି ଘରୋଇ ଶିକ୍ଷାନୁଷ୍ଠାନ, ଗୁଟଖା ଓ ସିଗାରେଟ କମ୍ପାନୀର ବିଜ୍ଞାପନ ବେଶି ଦେଖିବାକୁ ମିଳୁଛି। ଏମାନେ ଗଛ କେବେ ଲଗାଇ ନାହାଁନ୍ତି। କିନ୍ତୁ ଗଛରେ କଣ୍ଟା ବାଡ଼େଇ ଟିଣ ବିଜ୍ଞାପନ ମାରିବା ଯୋଗୁ ଗଛର କ୍ଷତି ଘଟୁଛି। ଅନେକ କ୍ଷେତ୍ରରେ ଗଛ ମରିଯାଉଛି। ଏଣୁ ଏହି ବିଜ୍ଞାପନଦାତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

– କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ବୃଦ୍ଧା, ମହିଳାଙ୍କୁ ଗଣେଶ ପୂଜା ଚାନ୍ଦା ମାଗିବାରୁ ୨ ଗୋଷ୍ଠୀ ମୁହାଁମୁହିଁ

ପାରାଦୀପ,୧୪।୮
(ଶରତ ରାଉତ)

## ଘଟଣା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ବିଜୟଚନ୍ଦ୍ରପୁରରେ ଗଣେଶ ପୂଜା ଚାନ୍ଦା ଆଦାୟକୁ ନେଇ ଗଣ୍ଡଗୋଳ ହୋଇଛି। ମହିଳା, ବୃଦ୍ଧାଙ୍କୁ ୫ ହଜାର ଟଙ୍କା ଚାନ୍ଦା ମାଗିବାକୁ ନେଇ ବୁଧବାର ରାତିରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣାକୁ ନେଇ ଗୁରୁବାର ମଧ୍ୟ ଏକାଧିକବାର ଗଣ୍ଡଗୋଳ ହୋଇଛି। ଏ ସମ୍ପର୍କରେ ଗୁରୁବାର ଅପରାହ୍ନରେ ପାରାଦୀପ ଆଦର୍ଶଥାନାରେ ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ଚାନ୍ଦା ମାଗିବା ବେଳର ଭିଡିଓ ଭାଇରାଲ ହେବାରେ ଲାଗିଛି। ମାତ୍ର ସନ୍ଧ୍ୟା ସୁଦ୍ଧା ପୋଲିସ ଥାନାରେ ମାମଲା ରୁଜୁ କରି ନ ଥିଲା।

କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମର ବୃଦ୍ଧା ବସନ୍ତ ବିଶ୍ୱାଳ ଓ ଅନ୍ୟ କେତେଜଣ ମହିଳା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେମାନେ ପ୍ରତିଦିନ ବିଜୟଚନ୍ଦ୍ରପୁରରେ ଠାକୁର ପୂଜା ଫୁଲ, ପରିବା, ଶାଗ ଆଦି ବିକ୍ରି କରିଥାନ୍ତି। ବୁଧବାର ସେଠାକାର ଏକ କ୍ଲବର ୮ ରୁ ୧୦ଜଣ ଯୁବକ ମହିଳାମାନଙ୍କୁ ଗଣେଶ ପୂଜା ଚାନ୍ଦା ବାବଦରେ ୫ ହଜାର ଟଙ୍କା ମାଗିଥିଲେ। ବୃଦ୍ଧା ବସନ୍ତ ଚାନ୍ଦା ଦେବାକୁ ମନା କରିଥିଲେ। ଏଥିରେ ସମ୍ପୃକ୍ତ ଯୁବକମାନେ ରାଗିଯାଇ ଧମକ ଦେବା ସହ ସେମାନଙ୍କ ଫୁଲ ଓ ପରିବା ଆଦି ଫୋପାଡ଼ି ଦେଇଥିଲେ ଏବଂ ଗାଳି କରିଥିଲେ। ଯୁବକମାନଙ୍କ ଏପରି ଉଗ୍ରକାଣ୍ଡ ଦେଖି ବୃଦ୍ଧା ବସନ୍ତ କାନ୍ଦି ଥିଲେ। ଏହି ସମୟରେ ବିଜୟଚନ୍ଦ୍ରପୁର କଲୋନିର ଜଣେ ଯୁବକ ଏହି ଘଟଣାର ଭିଡିଓ କରିବା ସହ ଚାନ୍ଦା ମାଗୁଥିବା ଯୁବକମାନଙ୍କୁ ବିରୋଧ କରିଥିଲେ। ଏନେଇ ଉଚ୍ଚବାଚ ହୋଇଥିଲା। ପରେ ସେହି ଭିଡିଓକୁ ସମ୍ପୃକ୍ତ ଯୁବକ ସୋସିଆଲ ମିଡିଆରେ ଅପଲୋଡ୍ କରି ଦେଇଥିଲେ। ଏନେଇ ବୁଧବାର ରାତିରେ ବିଜୟଚନ୍ଦ୍ରପୁର ଘୋଲାପଡା ଛକରେ ଗଣ୍ଡଗୋଳ ହୋଇଥିଲା।

ଘଟଣା ସମ୍ପର୍କରେ ଥାନାଧିକାରୀ କାବୁଲି ବାରିକଙ୍କୁ ପଚାରିଲେ କୁହନ୍ତି, ଯେଉଁ ମହିଳାମାନେ ସକାଳେ ଅଭିଯୋଗ କରିଥିଲେ ସେମାନେ ସନ୍ଧ୍ୟାରେ ଆସି ଥାନାରୁ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ କହୁଛନ୍ତି। ଏ ସମ୍ପର୍କରେ ବସନ୍ତଙ୍କ କହିବାନୁଯାୟୀ, କେତେଜଣ ଯୁବକ କ'ଣ ଲେଖି ଆଣି ତାଙ୍କୁ ଟିପ ଚିହ୍ନ ଦେବାପାଇଁ କହିଥିଲେ। ଏହି ଅଭିଯୋଗ ଉପରେ ମାମଲା ରୁଜୁ ହେବ ବୋଲି ବାରିକ କହିଛନ୍ତି। ତେବେ ଯେଉଁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏପରି ଗଣ୍ଡଗୋଳ ଘଟିଛି ସେମାନେ ଏକ ନିର୍ଦ୍ଦିଷ୍ଟ ରାଜନେତାଙ୍କ ସମର୍ଥକ ହୋଇଥିବାରୁ ପୋଲିସ ପାଇଁ ଅଡୁଆ ହେଉଥିବା ଚର୍ଚ୍ଚା ହେଉଛି।

# ଲୋ ଭୋଲଟେଜ ସମସ୍ୟା: ଜିଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୧୪।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ବଗଡ଼ା ଗ୍ରାମରେ ଲୋ ଭୋଲଟେଜ ସମସ୍ୟା ଲାଗିରହିଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ମାଧ୍ୟମରେ ବୁଧବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଗ୍ରାମର ଜୟଶ୍ରୀ ସ୍ୱାଇଁ, ସବିତା ସାହୁ, ଦିଲୀପ କୁମାର ସ୍ୱାଇଁ କହିଛନ୍ତି, ଦୈନନ୍ଦିନ ଜୀବନରେ ବିଦ୍ୟୁତ୍ ବ୍ୟବହାର ଅତ୍ୟଧିକ ହୋଇଛି। ଉପଭୋକ୍ତା ଏଥିପାଇଁ ଆବଶ୍ୟକ ଦରରେ ବିଦ୍ୟୁତ୍ କିଣୁଛନ୍ତି। ତେବେ ବଗଡ଼ା ଗ୍ରାମରେ ଚାହିଦା ଅନୁଯାୟୀ ବିଦ୍ୟୁତ୍ ଯୋଗାଣ ହେଉନାହିଁ। ବିଦ୍ୟୁତ୍ ଉପକରଣ ପାଇଁ ୧୯୦ରୁ ୨୨୦ ୱାଟର ଭୋଲଟେଜ ଆବଶ୍ୟକ ଥିବାବେଳେ ମାତ୍ର ୮୦ରୁ ୯୦ ୱାଟ ଭୋଲଟେଜ ଆସୁଛି। ଏହାବ୍ୟତିତ ବିଦ୍ୟୁତ୍ ସରବରାହ ପ୍ରତ୍ୟେକ ଦିନ ୮ରୁ ୯ ଘଣ୍ଟା କଟୁଛି। ଭୋଲଟେଜ କମ ପାଇଁ ବିଦ୍ୟୁତ୍ ଉପକରଣ ନଷ୍ଟ ହେଉଛି। ସେହିପରି ଆବଶ୍ୟକ ସମୟରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଉଛି। ଭିତ୍ତିଭୂମୀ ସୁଦୃଢ଼ ପାଇଁ ବିଦ୍ୟୁତ୍ ବିତରଣକାରୀ ସଂସ୍ଥାର ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି। ସମାଧାନ ନ ହେବାରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତା ସୋମବାର ସୁଦ୍ଧା ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ସମସ୍ୟାର ସମାଧାନ କଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।




# ୩୮ ସରପଞ୍ଚ, ସମିତିସଭ୍ୟଙ୍କ ଦସ୍ତଖତ ଯାଞ୍ଚ

## ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା

ଯାଜପୁରଟାଉନ,୧୪।୮(ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ୩୮ ସରପଞ୍ଚ, ସମିତିସଭ୍ୟଙ୍କ ଗୁରୁବାର ଦସ୍ତଖତ ଯାଞ୍ଚ କରାଯାଇଛି। ଧର୍ମଶାଳା ବ୍ଲକର ୩୮ ସରପଞ୍ଚ ଓ ସମିତିସଭ୍ୟ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଗତ ୧୧ ତାରିଖରେ ଯାଜପୁର ଜିଲାପାଳଙ୍କୁ ଲିଖିତ ଦାବି କରିଥିଲେ। ଜିଲାପାଳ ଯାଜପୁର ଉପଜିଲାପାଳଙ୍କୁ ସମ୍ପୃକ୍ତ ୩୮ ସମିତିସଭ୍ୟ ଓ ସରପଞ୍ଚଙ୍କ ଦସ୍ତଖତ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଇବା ପରେ ଉପଜିଲାପାଳ ସମସ୍ତ ୩୮ ସରପଞ୍ଚ ଓ ସମିତିସଭ୍ୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦସ୍ତଖତ ଯାଞ୍ଚ୍ କରିବା ନିମନ୍ତେ ନିର୍ଦ୍ଦେଶନାମା ଜାରି କରିଥିଲେ। ଫଳରେ ଉପଜିଲାପାଳଙ୍କ ନିକଟରେ ୩୮ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ସେମାନଙ୍କ ଆଧାରକାର୍ଡ ଦେଖାଇ ନିଜ ଦସ୍ତଖତକୁ ଚିହ୍ନଟ କରାଇଥିଲେ। ଏହାପରେ ଉପଜିଲାପାଳ ନିର୍ଦ୍ଦିଷ୍ଟ ତାରିଖ ଅନାସ୍ଥା ପାଇଁ ଘୋଷଣା କରିବେ ବୋଲି ସୂଚନା ଦେଇଥିଲେ। ଯଦି ଦରକାର ପଡ଼େ ଏହି ଅନାସ୍ଥା ବିରୋଧରେ ଭୋଟିଂ କରାଯିବାର ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ କହିଥିଲେ। ସରକାର ପରିବର୍ତ୍ତନ ପରେ ବ୍ଲକ ଅଧ୍ୟକ୍ଷ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ କୌଣସି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁନାହିଁ, ତେଣୁ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି ବୋଲି କେତେଜଣ ସରପଞ୍ଚ ଓ ସମିତିସଭ୍ୟ କହିଛନ୍ତି।




# ବନ୍ୟା ଅଞ୍ଚଳରେ ଜଣ୍ଡିସ,୧୧ ଆକ୍ରାନ୍ତ

ପଟ୍ଟାମୁଣ୍ଡାଇ, ୧୪।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳ ପେଣ୍ଠପାଳ ପଞ୍ଚାୟତ ଦାଣ୍ଡିସାହି ଅଞ୍ଚଳରେ ଜଣ୍ଡିସ ରୋଗ ବ୍ୟାପିବାରେ ଲାଗିଛି। ବନ୍ୟା ବିପନ୍ନ ଦାଣ୍ଡିସାହି ଅଞ୍ଚଳ ୨ ଥର ବ୍ରାହ୍ମଣୀ ବନ୍ୟା ଯୋଗୁ ପ୍ରଭାବିତ ହୋଇଥିଲା। ମାସାଧିକ ବିଭିନ୍ନ ଅଞ୍ଚଳ ବନ୍ୟା ଜଳରେ ଜମି ରହିବା ଫଳରେ ପାନୀୟ ଜଳ ଉତ୍ସଗୁଡିକ ବୁଡି ଯାଇଥିଲା। ଫଳରେ ପାନୀୟ ଜଳ ସଂକଟ ଦେଖା ଦେଇଥିଲା। ବିଶୁଦ୍ଧ ପାନୀୟ ଜଳ ଅଭାବରୁ ଲୋକମାନେ ନଦୀ, ପୋଖରୀ ପାଣି ପିଇବାକୁ ବାଧ ହୋଇଥିଲେ। ଦୂଷିତ ଜଳ ପାନ ଯୋଗୁ ବନ୍ୟା ପରେ ଦାଣ୍ଡିସାହିରେ ଜଣ୍ଡିସ ରୋଗ ବ୍ୟାପିଛି। ଏହି ରୋଗରେ ଅଙ୍କିତ ପରିଡା (୧୫), ମୋନାଲିସା ପରିଡା (୨୩), ଚିରସ୍ମିତା ପ୍ରଧାନ(୧୮), ମନୋରଞ୍ଜନ ପ୍ରଧାନ (୧୯), ସନ୍ଧ୍ୟାରାଣୀ ପ୍ରଧାନ (୧୮), ବର୍ଷାରାଣୀ ପ୍ରଧାନ (୧୪), ଆଦିତ୍ୟ ପ୍ରଧାନ (୭) ଓ ଅର୍ପିତା ପ୍ରଧାନ (୪) ପ୍ରମୁଖ ଆକ୍ରାନ୍ତ ହୋଇ ଅଣ୍ଡରା ଓ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଜଣ୍ଡିସ ରୋଗ ନିୟନ୍ତ୍ରଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବେଆଇନ ବାଲି ଉଠାଣ ଅଭିଯୋଗ: ବନ ବିଭାଗର ତଦନ୍ତ

କୁଜଙ୍ଗ,୧୪।୮(ମନୋଜ ପ୍ରଧାନ) ଏରସମା ତହସିଲ ଢ଼ିଙ୍କିଆ ପଞ୍ଚାୟତ ବଙ୍ଗୋପସାଗର ଉପକୂଳ ବୋସକାଲିସ ପଏଣ୍ଟ ଓ ଢ଼ିଙ୍କିଆ ତଣ୍ଡା ଅଞ୍ଚଳରୁ ଜୁଲାଇ ୩ରେ ବେଆଇନ ବାଲି ଉଠାଣ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଗୁରୁବାର ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ ସରଜମିନ ତଦନ୍ତ କରିଛନ୍ତି। ପୂର୍ବାହ୍ନରେ ସହକାରୀ ବନ ସଂରକ୍ଷକ ମଲ୍ଲିକ, କୁଜଙ୍ଗ ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡାଇ ଓ ନୂଆଗାଁ , ବାଲିତୁଠ ବନପାଳଙ୍କ ସହ ବୋସକାଲିସ ପଏଣ୍ଟ ଓ ବାଲୁକା ସ୍ତୂପ ବୁଲି ଅନୁଧ୍ୟାନ କରିବା ସହ କେତେଜଣଙ୍କ ମତାମତ ସଂଗ୍ରହ କରିଛନ୍ତି। ଏ ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ଦିଆଯିବ ବୋଲି ରେଞ୍ଜର କହିଛନ୍ତି ।






## ଦଶପଲ୍ଲାରେ ତ୍ରିରଙ୍ଗା ଶୋଭାଯାତ୍ରା

**ଦଶପଲ୍ଲା,(ପ୍ରକାଶ କୁମାର ପାଣି):** ଗୁରୁବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଡିହଗାଁ ପଞ୍ଚାୟତରେ ମଧ୍ୟଖଣ୍ଡ ଭାଜପା ମଣ୍ଡଳ ତରଫରୁ ହର୍‌ଘର୍ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରା ଡିହଗାଁ ଜଳେଶ୍ୱର ମନ୍ଦିର ଠାରୁ ବାହାରି ଗୌଡ଼ପଙ୍କାଳ ସାହି ଓ ଡିହଗାଁ ଗ୍ରାମ ପରିକ୍ରମା କରି ପୁନଶ୍ଚ ଜଳେଶ୍ୱର ମନ୍ଦିର ପାଖରେ ପହଞ୍ଚିଥିଲା। ଉକ୍ତ ତ୍ରିରଙ୍ଗା ଶୋଭାଯାତ୍ରାରେ ରାକେଶ କୁମାର ନନ୍ଦ ସଂଯୋଜନା କରିଥିଲାବେଳେ ଭାରତୀୟ ମଜଦୁର ସଂଘର ଜିଲା ସଭାପତି ବନମାଳୀ ମିଶ୍ର, ଦେବେନ୍ଦ୍ର କୁମାର ପ୍ରଧାନ, ରୋହିତ ପ୍ରଧାନ, ଚନ୍ଦନ ରାଉତଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




# ଓଡ଼ଗାଁ ଶ୍ରୀରଘୁନାଥଙ୍କ ମନ୍ଦିର ଗର୍ଭଗୃହରେ ଅଣହିନ୍ଦୁଙ୍କ ପ୍ରବେଶ

■ ୩ ଠାକୁର,ପାର୍ଶ୍ୱଦେବତାଙ୍କ ମହାସ୍ନାନ କରାଗଲା

■ ମନ୍ଦିର ସଂସ୍କାର ପରେ ସନ୍ଧ୍ୟା ଆଳତି ହେଲା

ଓଡ଼ଗାଁ,୧୪।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ଗର୍ଭଗୃହରେ ବୁଧବାର ଜଣେ ଅଣହିନ୍ଦୁ ପ୍ରବେଶ କରିଥିଲେ। ଏ କଥା ଜଣାପଡିବା ପରେ ୩ ଠାକୁରଙ୍କ ମହାସ୍ନାନ କରାଯିବା ସହିତ ମନ୍ଦିର ସଂସ୍କାର କରାଯାଇଛି। ଏହାପରେ ଗୁରୁବାର ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ହୋଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବୁଧବାର କନ୍ଧମାଳର ପୂର୍ବତନ ଏମ୍‌ପି ତଥା ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ କେତେଜଣ ଭାଜପା କର୍ମୀଙ୍କ ସହିତ ଏହି ନେତୃବୃନ୍ଦ ଶ୍ରୀଜୀଉଙ୍କ ଗର୍ଭ ଗୃହରେ ପ୍ରବେଶ କରି ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ହେଲେ ସେମାନଙ୍କ ସହିତ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଗର୍ଭଗୃହରେ ପ୍ରବେଶ କରିଥିଲେ। ସେହି ଫଟୋ ଗୁରୁବାର ମଧ୍ୟାହ୍ନରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିବା ପରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ କଥା ଜଣାପଡିବା ପରେ ମନ୍ଦିର ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଅନ୍ୟ ପୂଜକମାନେ ସ୍ୱୟଂ ଶୁଦ୍ଧୀକରଣ ହେବା ସହିତ ମନ୍ଦିର ଗର୍ଭଗୃହ, ଦର୍ଶନ ମଣ୍ଡପ, ଭଦ୍ରମଣ୍ଡପରେ ଗୋବର ପାଣି ସିଞ୍ଚନ ସହିତ ଧୌତ କରାଇଥିଲେ। ଏଥିସହିତ ମନ୍ଦିର ରୋଷଘର, ସୁଆର ଘରେ ଚୂନ ପାଣି ସିଞ୍ଚନ କରି ପବିତ୍ର କରିଥିଲେ। ଏହା ସହିତ ପୂଜାପଣ୍ଡା ଶେଷଦେବ ଷଡ଼ଙ୍ଗୀ ଓ ପୂଜାପଣ୍ଡା ଶ୍ରୀଧର ଦାଶଙ୍କ ଦ୍ୱାରା ୩ ଠାକୁରଙ୍କ ସମେତ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ମହାସ୍ନାନ କରାଯାଇଥିଲା। ମନ୍ଦିର ଦର୍ଶନ ମଣ୍ଡପରେ ସଂସ୍କାର ଯଜ୍ଞ କରାଇ ମନ୍ଦିର ଶୋଧନ କରିବା ପରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତୀ ସହିତ ଅବଶିଷ୍ଟ ନୀତି ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ୪୦ବର୍ଷ ପରେ ଏପରି ମନ୍ଦିର ସଂସ୍କାର କରାଯାଇଛି ବୋଲି କେତେଜଣ ପୁରୁଖା ପୂଜକ କହିଛନ୍ତି। ଏନେଇ ପ୍ରାକ୍ତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କହିଛନ୍ତି, ମୋ ଅଗୋଚରରେ ତଥା ଭିଡ଼ ଭିତରେ ସମ୍ପୃକ୍ତ ଯୁବକ ମନ୍ଦିର ଗର୍ଭଗୃହରେ ପ୍ରବେଶ କରିଥିଲେ। ଏହାକୁ ମୁଁ ନାପସନ୍ଦ କରୁଛି। ସ୍ଥାନୀୟ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଓ ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ କର୍ଣ୍ଣଦେବ ସମାଦାର ଏନେଇ ଦୁଃଖ ପ୍ରକାଶ କରିବା ସହିତ ଭବିଷ୍ୟତରେ ଏନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ମନ୍ଦିର ପ୍ରବେଶ ପଥରେ ଅଣହିନ୍ଦୁ ପ୍ରବେଶ ନିଷେଧ ସୂଚନା ଦିଆ ଯାଇଥିବା ବେଳେ ଏହାକୁ ସମସ୍ତେ ଏଡାଇ ଯାଉଛନ୍ତି। ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସର ଢିଲାପଣକୁ ଏଥିପାଇଁ ଦାୟୀ କରାଯାଉଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦିଲୀପ କୁମାର ବିଶୋଇ ମନ୍ଦିର ଗର୍ଭଗୃହରେ ଭାଜପା ନେତାଙ୍କ ସହିତ ଅଣହିନ୍ଦୁ ପ୍ରବେଶକୁ ତୀବ୍ର ନିନ୍ଦା କରିବା ସହିତ ଏନେଇ ତଦନ୍ତ କରିବାକୁ ମନ୍ଦିର ପ୍ରଶାସନକୁ ଚିଠି ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି।



# ଗାନ୍ଧୀଛକର ଗାନ୍ଧୀ ଅବହେଳିତ



ଖଣ୍ଡପଡ଼ା,୧୪।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ବଡ଼ସାହି ଗାନ୍ଧୀଛକର ଗାନ୍ଧୀ ଏବେ ଅବହେଳିତ ଅବସ୍ଥାରେ ଅଛନ୍ତି। କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ପ୍ରଶାସନିକ ଅଧିକାରୀମାନେ ସେହି ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପିନ୍ଧାଇ ଫଟୋ ଉଠାଇ ବାହାବା ନିଅନ୍ତି। ଏହାପରେ ସମସ୍ତେ ଗାନ୍ଧୀଙ୍କୁ ଭୁଲି ଯାଆନ୍ତି ବୋଲି ଅଭିଯୋଗ ହୋଇଛି। ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତାମାନେ କେହି ସେହି ଗାନ୍ଧୀମଣ୍ଡପର ଉନ୍ନତି ପାଇଁ ଚେଷ୍ଟା କରି ନାହାନ୍ତି। ସତେ ଯେମିତି ସେମାନଙ୍କ ପାଇଁ ଅଲୋଡା ହୋଇପଡିଛି ସେହି ଗାନ୍ଧୀ ମଣ୍ଡପ। ଏପରିକି ମଣ୍ଡପର ଚାରିପାଖରେ ଅନାବନା ଗଛ ପୂର୍ଣ୍ଣ ହୋଇ ରହିଛି। ତା'ରି ଭିତରେ ଗାନ୍ଧୀ ଯେପରି ନିଜର ସୁରକ୍ଷା ଖୋଜୁଛନ୍ତି। ଗାଈ ଗୋରୁ, ବିଲେଇ,କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି ସେହି ସ୍ଥାନ। ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




## ୭ ବର୍ଷ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ନୟାଗଡ଼,୧୪।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପତେଗଡ଼ ଥାନା ଅଞ୍ଚଳରେ ଜଣେ ୭ ବର୍ଷିୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଶାସନ ପଞ୍ଚାୟତ ହେମନ୍ତପାଟଣା ଗାଁର ପରମାନନ୍ଦ ବାରିକ (୭୬) ପୀଡ଼ିତାଙ୍କୁ ବିସ୍କୁଟ, ବାରମଜା ପରି ଖାଦ୍ୟ ଦେବା ବାହାନାରେ ବଳାତ୍କାର କରିଥିବା ଅଭିଯୋଗ ରହିଛି। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୬୬/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପରମାନନ୍ଦଙ୍କୁ ଗିରଫ କରି ଡାକ୍ତରୀ ମାଇନା କରାଯାଇଛି। ସେହିପରି ପୀଡ଼ିତାଙ୍କ ବି ଡାକ୍ତରୀ ମାଇନା ହୋଇଛି। ଶୁକ୍ରବାର ପରମାନନ୍ଦଙ୍କୁ କୋର୍ଟ ଚାଲାଣ କରାଯିବା ବୋଲି ପୋଲିସ କହିଛି।

## ୬ ଜଣଙ୍କୁ ଜେଲଦଣ୍ଡ, ଜରିମାନା

### ମରଣାନ୍ତକ ଆକ୍ରମଣ ମାମଲା

ଖଣ୍ଡପଡ଼ା,୧୪।୮
(ଅଜୟ କୁମାର ମହାରଣା)

ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ୨୦୧୭ ଅକ୍ଟୋବର ୨୭ରେ ଖଣ୍ଡପଡ଼ା ଥାନା ଅଧୀନ ଗୁଣ୍ଠୁଣୀ ଗ୍ରାମର ରାମଚନ୍ଦ୍ର ଜେନା (୪୮)ଙ୍କୁ କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ।ଏଥିରେ ସେ ଗୁରୁତର ହୋଇଥିଲେ। ଏ ସମ୍ପର୍କରେ ଆହତଙ୍କ ପରିବାର ପକ୍ଷରୁ ଇଟାମାଟି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ନୟାଗଡ଼ ମୁଖ୍ୟ ବିଚାରବିଭାଗୀୟ ଅଦାଲତରେ ଏ ସମ୍ପର୍କୀତ କାଗଜପତ୍ର ଦାଖଲ କରିଥିଲା। ଦୀର୍ଘ ୮ ବର୍ଷ ପରେ ଅର୍ଥାତ୍ ବୁଧବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। କୋର୍ଟ ଗୁଣ୍ଠୁଣୀ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ସୁଶାନ୍ତ କୁମାର ସ୍ୱାଇଁ, ରମେଶ ବେହେରା, ଗୋପାଳ ବେହେରା, ନିଧିଆ ବେହେରା, ପ୍ରମୋଦ କୁମାର ମହାନ୍ତି, ସୁଶାନ୍ତ କୁମାର ମାନସିଂହଙ୍କୁ ବିଭିନ୍ନ ଦଫାରେ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।









# ଜିନ୍ଦଲ ଷ୍ଟିଲ୍ କର୍ମଚାରୀଙ୍କ ପକ୍ଷରୁ ୨କୋଟିର ଆର୍ଥିକ ସହାୟତା

ଭୁବନେଶ୍ୱର,୧୪।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀଙ୍କ ପକ୍ଷରୁ ପ୍ରାୟ ୨କୋଟି ଟଙ୍କାର ଆର୍ଥିକ ସହାୟତା ରାଶି କେନ୍ଦ୍ର ପ୍ରତିରକ୍ଷା ବିଭାଗକୁ ପ୍ରଦାନ କରାଯାଇଛି। ବିଶେଷକରି ସ୍ୱାଧୀନତାର ୭୯ତମ ପୂର୍ତ୍ତି ଉତ୍ସବର ପୂର୍ବ ସନ୍ଧ୍ୟାରେ ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀମାନେ ଦେଶଭକ୍ତିର ନିଦର୍ଶନ ସ୍ୱରୂପ ଅପରେଶନ ସିନ୍ଦୂରର ସଫଳତା ଉପଲକ୍ଷେ ପ୍ରଭାବିତ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଏହି ସହାୟତା ପ୍ରଦାନ କରିଛନ୍ତି।



ସୂଚନାଯୋଗ୍ୟ, ପହଲଗାମ୍‌ରେ ନିରୀହ ପର୍ଯ୍ୟଟଙ୍କୁ ହତ୍ୟା ପରେ ଭାରତୀୟ ସେନାର ବୀର ସୈନିକମାନେ ୨୦୨୫ ମେ ମାସରେ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲେ। ଏପରିକି ପାକିସ୍ତାନ ସୀମାରେ ପଶି ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସକରି ଦେଶର ସମ୍ମାନ ବଢ଼ାଇଥିଲେ। ଦେଶ ପ୍ରତି ଭାରତୀୟ ସେନାର ଏହି ସର୍ବୋଚ୍ଚ ଯୋଗଦାନ ପାଇଁ ଜିନ୍ଦଲ ଷ୍ଟିଲ୍‌ର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଯୁଦ୍ଧରେ ପ୍ରଭାବିତ ସୈନିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଗୋଟିଏ ଦିନର ଦରମା ପାଖାପାଖି ୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅପରପକ୍ଷରେ କୁରୁକ୍ଷେତ୍ରର ଏମ୍‌ପି ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗୁରୁବାର ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି କର୍ମଚାରୀଙ୍କ ଏହି ଅନୁଦାନ ରାଶି ୨ କୋଟି ଟଙ୍କାର ଚେକ୍ ଆନୁଷ୍ଠାନିକ ଭାବେ ପ୍ରଦାନ କରିଛନ୍ତି।

ଏ ନେଇ ଜିନ୍ଦଲ କହିଛନ୍ତି, ଆମ ସୈନିକ ଆମ ଦେଶର ପ୍ରକୃତ ରକ୍ଷକ। ଏପରିକି ସେମାନଙ୍କ ସାହସ, ତ୍ୟାଗ ଓ ଭାରତର ସୁରକ୍ଷା ପ୍ରତି ସେମାନଙ୍କ ଅତୁଟ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରେରଣା ଦେଉଛି। ଜିନ୍ଦଲ ଷ୍ଟିଲ ପରିବାରର ଏହି ଯୋଗଦାନ ସେମାନଙ୍କ ସେବା ମନୋଭାବକୁ ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ସାଥିରେ ଠିଆହେବାର ବିନମ୍ର ପ୍ରୟାସ କରିଛି। ଏହି ସହଯୋଗ ଜିନ୍ଦଲ ଷ୍ଟିଲ୍‌ର ସେହି ପରମ୍ପରାର ଅଂଶ ବୋଲି କୁହାଯାଉଛି। ଯେଉଁଥିରେ କମ୍ପାନୀ ସବୁବେଳେ କଷ୍ଟକର ସମୟରେ ଦେଶ ଓ ଦେଶର ରକ୍ଷକଙ୍କ ସହ ଛିଡ଼ା ହୋଇଛି। କୋଭିଡ୍-୧୯ ସମୟରେ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ପିଏମ୍ କେୟାର୍ସ ଫଣ୍ଡକୁ ମଧ୍ୟ ୨୫କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୧୪।୮

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୫୮ (୫୭.୭୫) ପଏଣ୍ଟ ବୃଦ୍ଧି ଘଟି ୮୦,୫୯୮ (୮୦,୫୯୭.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୨ (୧୧.୯୫) ପଏଣ୍ଟ ବଢ଼ି ୨୪,୬୩୧ (୨୪,୬୩୧.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଅରୁନ୍ଧତୀ ମୋବାଇଲ ଆପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୮




ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅରୁନ୍ଧତୀ ମୋବାଇଲ ଆପ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ମୋବାଇଲ ଆପ୍‌କୁ ସମସ୍ତ ଗ୍ରାହକବନ୍ଧୁ, ଶୁଭେଚ୍ଛୁ ଓ ପ୍ରଶଂସକଙ୍କ ପାଇଁ ଆନୁଷ୍ଠାନିକ ଭାବେ ଉନ୍ମୋଚନ ମଧ୍ୟ କରାଯାଇଛି। ଏହା ମାଧ୍ୟମରେ ଗ୍ରାହକବନ୍ଧୁ ଘରେ ବସି ମୋବାଇଲ ମାଧ୍ୟମରେ ଅରୁନ୍ଧତୀ ଜୁଏଲର୍ସର ୧୦,୦୦୦ ରୁ ଊର୍ଦ୍ଧ୍ୱ ଏକ୍ସକ୍ଲୁସିଭ ଗହଣା ଡିଜାଇନର ଶ୍ରେଷ୍ଠ କଲେକ୍ସନର ପ୍ରଦର୍ଶନୀ ଓ କ୍ରୟ କରିବାର ସୁଯୋଗ ପାଇପାରିବେ। ଏହି ଅଫିସିଆଲ ଆପ୍ ଦ୍ୱାରା ମଧ୍ୟ ଗ୍ରାହକବନ୍ଧୁ ସୁନା, ରୁପା, ହୀରା ଗହଣାର ପ୍ରତିଦିନ ବଜାର ଦର ନିରୀକ୍ଷଣ କରିବା ସହ ଅରୁନ୍ଧତୀ ଜୁଏଲର୍ସର ଆଡଭାନ୍ସ ପ୍ରେଡେଜ ପ୍ଲାନ୍‌ରେ ମଧ୍ୟ ନିଜକୁ ପଞ୍ଜୀକରଣ କରି ମାସିକ କ୍ରୟ ସହ ଅରୁନ୍ଧତୀର ସମସ୍ତ ପ୍ରମୁଖ ଅଫର ସମ୍ବନ୍ଧରେ ମଧ୍ୟ ଆବଶ୍ୟକ ସୂଚନା ଏହି ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଜରିଆରେ ଗ୍ରାହକ ପାଇପାରିବେ।

ଏପରିକି ପ୍ଲେଷ୍ଟୋରରେ ଉପଲବ୍ଧ ଅରୁନ୍ଧତୀ ଜୁଏଲର୍ସର ଅଫିସିଆଲ ଆପ୍‌କୁ ସମସ୍ତେ ଡାଉନ୍‌ଲୋଡ୍ କରିପାରିବେ। ଏ ନେଇ ଅରୁନ୍ଧତୀ ଗ୍ରୁପ ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ଗ୍ରାହକ ବନ୍ଧୁଙ୍କ ସେବା ଅରୁନ୍ଧତୀର ପ୍ରାଥମିକତା ହୋଇଥିଲାବେଳେ ସେହି ପ୍ରାଥମିକତା ଏହି ନୂତନ ମୋବାଇଲ ଆପ୍ ମାଧ୍ୟମରେ ମଧ୍ୟ ଜାରି ରହିବ। ଏପରିକି ଗ୍ରାହକ ବନ୍ଧୁଙ୍କ ଉପକାରିତା ଦିଗରେ ଏହା ବିଶେଷ ଭାବେ କାର୍ଯ୍ୟ କରିବ ଏବଂ କାରବାର ସମ୍ବନ୍ଧରେ ଆବଶ୍ୟକ ସୂଚନା ପ୍ରଦାନ କରିବ ବୋଲି ସେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ।

# ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୧୪।୮

ଟାଟା ପାୱାରର ନୂତନ ଅଭିଯାନ "ସୁରକ୍ଷା କବଚ" ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ସୁରକ୍ଷା ଏବଂ ପରିଚାଳନା ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ କରିଛି। ଏହି ପ୍ରଯୁକ୍ତି ସମ୍ବଳିତ ସୁରକ୍ଷା ପ୍ରାଚୀର ଓଡ଼ିଶାରେ ହାଇ ଟେନ୍‌ସନ୍ (ଏଚ୍‌ଟି) ନେଟୱର୍କ କାର୍ଯ୍ୟଗୁଡ଼ିକକୁ କିପରି ନିର୍ବାହ କରାଯାଉଛି, ତାହାକୁ ପୁନର୍ଗଠନ କରିଥିବାବେଳେ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ପଦ୍ଧତିକୁ ଏକ ଦୃଢ଼ ଡିଜିଟାଲ୍ ଢାଞ୍ଚା ଅଧୀନରେ ସୁରକ୍ଷା ପ୍ରୋଟୋକଲ୍ ପାଳନ ସହିତ ସଂଯୋଜିତ କରିଛି। ସୁରକ୍ଷା କବଚ ହେଉଛି ଏକ ସମ୍ପୂର୍ଣ୍ଣ ଟୁଲ୍ ଯାହା ବିଦ୍ୟୁତ ବଣ୍ଟନ କାର୍ଯ୍ୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ସୁରକ୍ଷା ଏବଂ ପରିଚାଳନାକୁ ଏକତ୍ରିତ କରିଛି। ଏଚ୍‌ଟି ଲାଇନ୍ ଉପରେ ପ୍ରତ୍ୟେକ କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ ମାଧ୍ୟମରେ ଏକ ଡିଜିଟାଲ୍ ପରମିଟ୍ ସୁରକ୍ଷିତ କରିବା ପରେ ହିଁ ନିର୍ବାହ କରାଯାଉଛି, ଯାହା ଦ୍ୱାରା ସୁରକ୍ଷା ପ୍ରୋଟୋକଲ୍ ଦୈନନ୍ଦିନ କାର୍ଯ୍ୟରେ ସଂଯୋଜିତ ହୋଇପାରିଛି। ଏହି ପ୍ଲାଟଫର୍ମରେ ଏମ୍ବେଡେଡ୍ ଉପକରଣ ଡାଟାବେସ୍, ପ୍ରି-ମାପିଂ ଅନୁମୋଦନ, ଡାଟାଗତ ସୁରକ୍ଷା ଚେକଲିଷ୍ଟ, ଏବଂ ଏସଏମଏସ ଏବଂ ହ୍ୱାଟସଆପ୍ ମାଧ୍ୟମରେ ବାସ୍ତବ ଯୋଗାଯୋଗ ସୁବିଧା ଆଦି ସାମିଲ ରହିଛି ଯାହା ଏକ ଶୂନ୍ୟ-ସମାଧାନ ସୁରକ୍ଷା ସଂସ୍କୃତିକୁ ଆଗକୁ ବଢ଼ାଉଛି। ଏହା ଏକ ସମାଧାନ ପ୍ରସ୍ତୁତ କରୁଛି ଯାହା ପରିଚାଳନା ଆଧୁନିକୀକରଣ କରିବା ସମୟରେ କର୍ମଚାରୀ ଏବଂ ଗ୍ରାହକ ସୁରକ୍ଷାକୁ ପ୍ରାଥମିକତା ଦେଉଛି।

# ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର

## ହୋଟେଲ ଦ ନ୍ୟୁ ମାରିୟନ୍‌ରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ

ଭୁବନେଶ୍ୱର,୧୪।୮



ଓଡ଼ିଶା କଳା ଓ ହସ୍ତଶିଳ୍ପ ସମିତିର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ସିଲ୍କ ଇଣ୍ଡିଆ'ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ପୁନମ୍ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୨୦୨୫ ଅଗଷ୍ଟ ୧୪ରୁ ୨୫ ପର୍ଯ୍ୟନ୍ତ ସକାଳ ୧୦ ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନ୍' ଥିମ୍ ସହିତ ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ଏଥ୍‌ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏ ସମ୍ପର୍କରେ ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି, ଏହି ୧୨ ଦିନିଆ ହସ୍ତତନ୍ତ ପ୍ରଦର୍ଶନୀର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ସୁଲଭ ମୂଲ୍ୟରେ ସୁଲଭ ମୂଲ୍ୟରେ ପ୍ରିମିୟମ ସିଲ୍କ ଉତ୍ପାଦ ସମ୍ଭାର ପାଇପାରିବେ।

# ଜୀବନ ରୂପାନ୍ତରଣରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତା

ଭୁବନେଶ୍ୱର,୧୪।୮

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଅଭିନବ ସିଏସ୍‌ଆର୍ ଅଭିଯାନ ପ୍ରୋଜେକ୍ଟ ଦକ୍ଷ ଓ ଓଡ଼ିଶା ଗ୍ରିନ୍ ଜବ୍‌ସ ଏକାଡେମୀ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣୁଛି। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଯୁବବର୍ଗ ଓ ମହିଳାମାନଙ୍କ ଦକ୍ଷତା ବିକାଶ କରି ନିଯୁକ୍ତି ଓ ଆର୍ଥିକ ସ୍ୱାଧୀନତା ପାଇଁ ପଥ ପ୍ରଶସ୍ତ କରୁଛି। ୨୦୨୩ ରେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଅନୁଗୁଳ, ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ଟିପିସିଓଡିଏଲ୍‌ର ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ (ଭିଟିସି) ସ୍ୱଳ୍ପକାଳୀନ ଶିଳ୍ପ ସମନ୍ୱିତ ପାଠ୍ୟକ୍ରମ ପ୍ରଦାନ କରୁଛି, ଯାହା ଜାତୀୟ ଦକ୍ଷତା ଯୋଗ୍ୟତା ଫ୍ରେମୱର୍କ (ଏନ୍‌ଏସ୍‌କ୍ୟୁଏଫ୍)ର ତୃତୀୟ ସ୍ତର ମାନକକୁ ପୂରଣ କରୁଛି। ଏହି ତାଲିମ ପାଠ୍ୟକ୍ରମରେ ପାଇପ କାମ, ବିଦ୍ୟୁତ ଯାନ ସେବା ଓ ସୋଲାର ପ୍ୟାନେଲ୍ ସ୍ଥାପନ ଭଳି ପ୍ରବଳ ଚାହିଦାରେ ଥିବା ଦକ୍ଷତା ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ୍ ୪୪୦ ଯୁବକ ଓ ଯୁବତୀଙ୍କୁ ତାଲିମ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସମସ୍ତଙ୍କୁ ଶ୍ରେଷ୍ଠ କମ୍ପାନିଗୁଡ଼ିକରେ ମଧ୍ୟ ନିଯୁକ୍ତି ମିଳିଛି। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ସ୍ଥାନୀୟ ଦକ୍ଷତା ଗଠନ ଏବଂ ମହିଳାଙ୍କ ସମେତ ଯୁବବର୍ଗଙ୍କୁ ସଶକ୍ତ କରିବାରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଟିପିସିଓଡିଏଲ୍‌ର ଏହି ଧନ୍ଦାମୂଳକ ତାଲିମ ଅଭିଯାନ ଅଧିକ ଲୋକଙ୍କ ପାଖରେ ପହଞ୍ଚି ଏବଂ ବର୍ଦ୍ଧିତ ପ୍ରଭାବ ସହ କେବଳ କ୍ୟାରିୟର ଗଠନ କରୁ ନାହିଁ ବରଂ ଜୀବନରେ ରୂପାନ୍ତରଣ ଆଣିବାରେ ସହାୟକ ହୋଇଛି ବୋଲି ସେ କହିଛନ୍ତି।

# ଡ. ଶରତ କୁମାର ସାହୁଙ୍କୁ ଜୀବନବ୍ୟାପୀ ପୁରସ୍କାର

ଭୁବନେଶ୍ୱର,୧୪।୮




ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା 'ରୁଚି' ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଡ. ଶରତ କୁମାର ସାହୁଙ୍କୁ ନିକଟରେ ଆଉ ଏକ ସମ୍ମାନଜନକ ସ୍ୱୀକୃତି 'ସତ୍ୟ ସ୍ୱାଇଁ ସ୍ମାରକୀ' ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ସଂଘ (ଓଏଏସ୍‌ଏମ୍‌ଇ/ଓସ୍‌ମେ) ର ୪୦ ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଶିଷ୍ଟ ଉଦ୍ୟୋଗୀ ତଥା ରୁଚିର ଏମ୍‌ଡି ଡ. ଶରତ କୁମାର ସାହୁଙ୍କୁ ସମ୍ମାନଜନକ ସତ୍ୟ ସ୍ୱାଇଁ ସ୍ମାରକୀ ଜୀବନବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ସଂଘର ପ୍ରତିଷ୍ଠା ଦିବସ ଓ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇଡ୍‌କୋର ଏମ୍‌ଡି ଡି.ପ୍ରଶାନ୍ତ କୁମାର ରେଡ୍ଡୀ, ଶିଳ୍ପ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରୱଣେ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ପି.କେ.ଗୁପ୍ତା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡ. ସାହୁଙ୍କ ପକ୍ଷରୁ ତାଙ୍କ ଧର୍ମପତ୍ନୀ ତଥା ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଏହି ଶିଳ୍ପ ସଂଘର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ସତ୍ୟ ସ୍ୱାଇଁଙ୍କ ଧର୍ମପତ୍ନୀ ଅରୁନ୍ଧତୀ ସ୍ୱାଇଁ, ଅଧ୍ୟକ୍ଷ ଗୌରୀଶଙ୍କର ଦାଶ ଓ ମହା ସଚିବ ଇଂ. ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ରାଜ୍ୟର ଶିଳ୍ପ ଓ ଉଦ୍ୟୋଗୀ ଜଗତର ବହୁ ପ୍ରତିଷ୍ଠିତ ଉଦ୍ୟୋଗୀ ଯୋଗଦେଇଥିଲେ।

# କାନାରା ବ୍ୟାଙ୍କ ପକ୍ଷରୁ ମେଗା ମେଧାବୃତ୍ତି ବଣ୍ଟନ



ଭୁବନେଶ୍ୱର,୧୪।୮

କାନାରା ବ୍ୟାଙ୍କର ବହୁ ପ୍ରତୀକ୍ଷିତ ଛାତ୍ରବୃତ୍ତି 'କାନାରା ବିଦ୍ୟା ଜ୍ୟୋତି ସ୍କଲାରଶିପ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ମେଗା ମେଧା ବୃତ୍ତି (କାନାରା ବ୍ୟାଙ୍କ ଡା. ଆମ୍ବେଦକର ବିଦ୍ୟାଜ୍ୟୋତି ସ୍କଲାରଶିପ୍) ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏବଂ ଜିଲା କଲ୍ୟାଣ ଅଧିକାରୀ ଛତ୍ରପୁର ସୁରେଶ ଚନ୍ଦ୍ର ଜିତବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସେହିଭଳି କାନାରା ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଶୈକ ମହବୁବଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତକରିବା ସହ ସେ ଏହି ମେଧାବୃତ୍ତି ଯୋଜନା ଏବଂ କାନାରା ବ୍ୟାଙ୍କ ବିଷୟରେ ବିସ୍ତୃତ ଭାବେ ବିବରଣୀ ରଖିଥିଲେ। ସେହିପରି ପ୍ରତି ବର୍ଷ କାନାରା ବ୍ୟାଙ୍କ ଦ୍ୱାରା ଏହି ବୃତ୍ତି ଦିଆଯାଉଛି। ଏପରିକି ଏହି ଯୋଜନା ମାଧ୍ୟମରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀମାନଙ୍କୁ ମେଧା ବୃତ୍ତି ପ୍ରଦାନ କରାଯାଇଥାଏ।

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ବାଳିକାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଉତ୍ସାହ ସୃଷ୍ଟି କରିବା ଏବଂ ଏହାର ନିରନ୍ତରତା ବଜାୟ ରଖିବା। ଏହି ଛାତ୍ରବୃତ୍ତି ରାଶି କାନାରା ବ୍ୟାଙ୍କ ଦ୍ୱାରା ଛାତ୍ରୀମାନଙ୍କ ଏସ୍‌ବି ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପାସ୍‌ବୁକ୍‌ଗୁଡ଼ିକ ମଧ୍ୟ ହସ୍ତାନ୍ତର କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଡିଏମ୍ ସମିତ ଶତପଥୀ, ଡିଏମ୍. ଡି ସୂର୍ଯ୍ୟନାରାୟଣ, ସଂସାଧନ ବିଭାଗର ମୁଖ୍ୟ ପାର୍ଥପ୍ରତିମ ପାଢ଼ୀ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିଭାଗର ମୁଖ୍ୟ ମମତା ମହାପାତ୍ରଙ୍କ ସମେତ ରବିନାରାୟଣ ମୋହିନୀ ଓ ବିଭିନ୍ନ ସ୍କୁଲର ଶିକ୍ଷକ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।


ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

EXPRESSION OF INTEREST (EOI)
No.4756 / Jatani, Date- 12.08.2025

**No.C-870:** The Executive Officer, Jatni Municipality, invites sealed Expression of Interest (EOI) from registered and reputed Technical Experts/Consultants/Firms having valid Income Tax Return, GST Registration and Company Registration Certificates to submit technical and financial proposals for **Preparation of Detailed Project Reports (DPRs) under Young Gamechangers Initiative (YGI) in Jatni for implementation of design and beautification plans for two identified public spaces of (1) Mundia Sahi Park & Ground in Ward 7; (2) Maa Uttarayanee Youth Club Ground in Ward 11.** The last date and time for receipt of EOI is dt.25.08.2025 at 03.00 PM and the bids will be opened on the same day at 04.00 PM in the chamber of the Executive Officer, Jatni Municipality, Jatni, in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0044/2526 Sd./- Executive Officer, Jatni Municipality

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/PS- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826

NOTICE INVITING EXPRESSION OF INTEREST
No.4751 / Jatani, Date- 12.08.2025

**No.C-869:** The Executive Officer, Jatni Municipality, invites reputed Consultants/ Organisations having valid Income Tax Return, GST Registration and Organisation Registration Certificates to submit technical and financial proposals for Developing Training Package for Capacity Building of Youth on Planning, Designing and Governance of Public Spaces under Young Gamechangers Initiative (YGI) in Jatni. The last date and time for receipt of proposals is dt.25.08.2025 at 02.30 PM and the bids will be opened on the same day at 04.30 PM in the chamber of the Executive Officer, Jatni Municipality, Jatni in the presence of bidders or their authorized representatives who choose to attend. The details of EOI will be available at office of the undersigned or can be downloaded from www.khordha.nic.in/ www.jatnimunicipality.in.

OIPR-13041/11/0045/2526 Sd./- Executive Officer, Jatni Municipality

O/O CHIEF DISTRICT MEDICAL & PUBLIC HEALTH OFFICER
DISTRICT PROGRAMME MANAGEMENT UNIT
NATIONAL HEALTH MISSION, NABARANGPUR
e-mail : dhionab@gmail.com (06858-222057)
Tender No. : 8145 Date : 13.08.2025

**No.E-312** : Sealed tenders are invited from registered, reputed and experienced Agencies /Firms/ Individuals for **engagement of Vehicle on Monthly hiring basis at O/o CDM & PHO Nabarangpur,1 vehicle ( Mahindra Neo/Scorpio) for DPMU NHM wing**. Interested_bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of tender must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 03.09.25 by 5.00 PM only** through Speed post/ Regd Post/Courier only and the bids, so received will be opened on 04.09.25 at 11:00 AM in the office chamber of the CDM&PHO, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- CDM & PHO cum
District Mission Director
NHM Nabarangpur
OIPR-10164/11/0009/2526

OFFICE OF THE PANCHAYAT SAMITI, NARSINGHPUR
Dist : Cuttack - 754032
QUOTATION CALL NOTICE
NO-4126 Date-11.08.2025

**No.i-271** : Sealed quotations are invited from the intending registered firms/ Nurseries & suppliers for supply of Saplings, gabion and fertilisers to 37 nos of GP points of Narsinghpur Block. The prescribed quotation schedule can be obtained from the office of the Block Development Officer, Narsinghpur on payment of Rs-2000/- (Rupees two thousand only) + GST @18% (non-refundable) in shape of cash/ bank draft/ bankers cheque drawn in favour of the Block Development Officer, Narsinghpur payble at Narsinghpur from any nationalised bank from date 14.08.2025 to 22.08.2025 upto 11.00 A.M during office hour except holidays.

The quotation paper along with all documents should reach the undersigned by Regd. Post/ speed post/ courier service or by person on or before date 22.08.2025 upto 01.00 P.M. The quotation will be opened on the same date at 3.30 P.M in presence of the quotationer or their authorised representative if any. The undersigned will not be responsible for any delay in receipt of the quotation paper. The quotation received beyond the schedule date and time will not be considered at all. All items and conditions may be seen in the quotation schedule.
The undersigned has the right to accept, cancel or reject any or all the quotations without assigning any reason thereof.

Sd./- Block Development Officer
Narasinghpur Block, Dist-Cuttack
OIPR-19046/11/0006/2526

BRAHMAPUR DEVELOPMENT AUTHORITY
Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail : bedaengineers@gmail.com
Phone No. 0680 2292797
NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB)
No.CAD-1447
No.414/BeDA (Engg.), Dt.11.08.2025

| Sl. No. | Name of work | Bid Identification No. | Estimated cost (Rs. In Lakh) | Class of Contractor | Period of completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|---|
| | | | | | | From | To | |
| 1 | Infrastructure Development of Water Sports Complex at Sonapur, Ganjam | EM-BeDA-12/2025-26 | 288.00 | "B" Class or Equivalent | 09 (Nine) Calendar Months | 13.08.2025 10.00 Hours | 29.08.2025 17.30 Hours | Engineer Member Brahmapur Development Authority |

- All corrigendum and addenda shall be published in official website only.
- The Bidder shall have to participate in **ON LINE** bidding only.
- Last date for seeking clarification - **Dt.25.08.2025** up to 17.30 Hours
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on **Dt.30.08.2025** at 11 Hours.

Sd./- ENGINEER MEMBER
OIPR-13086/11/0008/2526 Brahmapur Development Authority, Brahmapur

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR
No.O-585
e-mail ID : eerwrairangpur@yahoo.com
"e"-Procurement Notice for Road Works
Bid Identification No. - RWDRRP-05-2025-26

1. Name of the work : Periodical maint of post DLP road SH 49 to Aharbandh Neorendraposi Raihari to Jaldiha ODR to Bhagabandi RD road to Sanbantha RD road to Bhanjasara road RD road to Tamalbandh Bijatala to Dumadihi road for the year 2025-26, 2. Estimated Cost : Rs.92.63 lakhs (approximately), 3. Class of Contractor : "B" Class or relevant of works license, 4. Period of Completion : 03 (Three) calendar months, 5. Tender Paper Cost : Rs.10,000/-
The details are as follows :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W Division, Rairangpur | RWDRRP-05/2025-26 | 14.08.2025 at 11.00 A.M. | 30.08.2025 up to 5.00 P.M. | 29.08.2025 up to 5.00 P.M. | 01.09.2025 at 11.30 A.M. | Will be intimated later |

Further details can be seen from the website : www.tendersodisha.gov.in
Sd./- Er. Sanjeet Naik
OIPR-25107/11/0025/2526 Executive Engineer, R.W. Division, Rairangpur

GOVERNMENT OF ODISHA No.i-270
OFFICE OF THE PANCHAYAT SAMITI DHARMASALA, JAJPUR
'E' Procurement Notice No. Tender Online 01DMSL/2025-26

1. **Name of work** : **Building Works**
2. **Total No of Work** : 6 No. of Work
3. **Estimated Cost (Approx.)** : Rs.13.94 lakhs - Rs.15.09 lakhs
4. **Period of Completion** : 180 days
5. **Class of contractors** : C & D

**Other details as follows**
a) Procurement Officer : Block Development Officer, Dharmasala, Jajpur
b) Availability of tender online & submission of bid : 16.08.2025 at 11.00 AM to 01.09.2025 up to 5.00 PM
c) Last date & time of seeking of tender clarification : 30.08.2025 up to 5.00 PM
d) Opening of Tender : 02.09.2025 at 11.00 A.M.

Further details can be seen from the Govt. website **www.tendersodisha.gov.in**

Sd./- Block Development Officer
OIPR-19216/11/0002/2526 Dharmasala


See Career Appointment on every Wednesday & Saturday

# ବାପା, ସାବତ ମା'ଙ୍କ ବିରୋଧରେ ହତ୍ୟା ମାମଲା

**ନିମାପଡ଼ାରେ ଦଶମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣା**

**ହତ୍ୟାକାରୀଙ୍କ ତୁରନ୍ତ ଗିରଫ ଦାବିରେ ମୃତା ଛାତ୍ରୀଙ୍କ ମା'ଙ୍କ ଥାନାରେ ଧାରଣା**

ନିମାପଡ଼ା,୧୪।୮ (ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା ଏନଏସି ଅନ୍ତର୍ଗତ ଅଞ୍ଜିଆସାହି ଗ୍ରାମରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ଝିଅ ଆତ୍ମହତ୍ୟା କରିନାହିଁ ବରଂ ତାଙ୍କୁ ବାପା, ସାବତ ମା' ଏବଂ ଅନ୍ୟମାନେ ମିଶି ହତ୍ୟା କରିଛନ୍ତି ବୋଲି ମା' ସତ୍ୟଭାମା ପ୍ରଧାନ ବୁଧବାର ବିଳମ୍ବିତ ରାତିରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଗୁରୁବାର ଝିଅର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ସତ୍ୟଭାମା ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବାପରେ ମୃତା ଛାତ୍ରୀଙ୍କ ମା' ଧାରଣାରୁ ହଟିଛନ୍ତି। ଏହି



ଥାନା ସମ୍ମୁଖରେ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ପ୍ରଧାନ।

ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଅଞ୍ଜିଆସାହି ଗ୍ରାମରେ ବୁଧବାର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ନିମାପଡ଼ା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ମୃତା ଛାତ୍ରୀଙ୍କ ବାପା ମାନସ ପ୍ରଧାନ ଝିଅ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨୧/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହେଲେ ବିଳମ୍ବିତ ରାତିରେ କୋଣାର୍କରେ ରହୁଥିବା ମୃତା ଛାତ୍ରୀଙ୍କ ନିଜ ମା' ସତ୍ୟଭାମା ଥାନାରେ ପହଞ୍ଚି ଝିଅକୁ ତା' ବାପା ମାନସ,ସାବତ ମା' ଖୁସି, ବଡ଼ବାପା ସନ୍ତୁଆ ପ୍ରଧାନ, ବଡ଼ବୋଉ ଝିଲ୍ଲି ପ୍ରଧାନ ମିଳିମିଶି ହତ୍ୟା କରିବା ପରେ ଘରର ଆସବେଷ୍ଟସ୍ ଓଗାରେ ଝୁଲାଇ ଦେଇଥିବା ନେଇ ଅଭିଯୋଗ କରିଥିଲେ। ସତ୍ୟଭାମାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଗୁରୁବାର ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ଆଇଆଇସି ବାସଦେବ ସାଇଁଙ୍କୁ ପଚାରିବାରେ, ମୃତା ଛାତ୍ରୀଙ୍କ ନିଜ ମା'ଙ୍କ ଅଭିଯୋଗକୁ ଆଧାର କରି ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ପ୍ରକାଶ ଯେ, ପାରିବାରିକ କଳହ କାରଣରୁ ମୃତା ଛାତ୍ରୀଙ୍କ ମା' ସତ୍ୟଭାମା ପ୍ରାୟ ୩ରୁ ୪ ବର୍ଷ ହେବ ବାପ ଘର କୋଣାର୍କ ଥାନା ଅନ୍ତର୍ଗତ ମାଧିପୁରଠାରେ ରହୁଛନ୍ତି।

**ପାରିବାରିକ କଳହରୁ ଅଭାବନୀୟ ଘଟଣା**

# ଜ୍ୱାଇଁଙ୍କୁ ଗାଁ ଦାଣ୍ଡ ଖୁଣ୍ଟରେ ବାନ୍ଧି ପିଟିଲେ

ଆର.ଉଦୟଗିରି,୧୪।୮ (ମନୋଜ କୁମାର ପାଢ଼ୀ)

ପାରିବାରିକ କଳହକୁ କେନ୍ଦ୍ରକରି ଗଜପତି ଜିଲା ଆର. ଉଦୟଗିରିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅଲଗା ରହୁଥିବା ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ଗାଁ ଦାଣ୍ଡରେ ଖୁଣ୍ଟରେ ବାନ୍ଧି ନିଘୋଡ଼ (?) ମାଡ଼ ମାରିଛନ୍ତି। ରାତିସାରା ଖୁଣ୍ଟରେ ବନ୍ଧା ହୋଇ ରହିବା ପରେ ଗୁରୁବାର ଖବର ପାଇ ପୋଲିସ ପହଞ୍ଚି ଜ୍ୱାଇଁ ଜଳନ୍ତ ବଳିଆରସିଂଙ୍କୁ ଉଦ୍ଧାର କରିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଜିଲାର ଅଡବା ଥାନା ଅନ୍ତର୍ଗତ ଗରଡ଼ମା ଗାଁରେ।

ଖବରରୁ ଜଣାପଡିଛି, ଗରଡ଼ମା ଗାଁର ସୁଭଦ୍ରା ମାଳବିଷୋୟୀ ଗତ ତିନିବର୍ଷ ତଳେ ବ୍ରାହ୍ମଣୀଗାଁ ଥାନା ଅନ୍ତର୍ଗତ ବୁଡ଼ିଶିଳ ଗାଁର ଜଳନ୍ତଙ୍କୁ ବିବାହ କରିଥିଲେ। ତେବେ ପାରିବାରିକ କଳହ ଯୋଗୁ ସୁଭଦ୍ରାଙ୍କୁ ତାଙ୍କ ବାପଘର ଲୋକେ ଗତ ୧୧ ମାସ ତଳେ ନିଜ ଘରକୁ ନେଇ ଆସିଥିଲେ। ଏ ସମ୍ପର୍କରେ ଉଭୟ ପରିବାର ଥାନାରେ ଅଭିଯୋଗ କରିବାରୁ ଏକ ମାମଲା ରୁଜୁ ହୋଇ ଏହା କୋର୍ଟରେ ବିଚାରାଧୀନ ଅଛି। ଏପରି ସ୍ଥଳେ ଜଳନ୍ତ ବୁଧବାର ବୁଡ଼ିଶିଳ ଗାଁରୁ ରାଶନ ଚାଉଳ ଆଣିବାକୁ ଗରଡ଼ମା ଗାଁକୁ ଆସିଥିଲେ।



ଗରଡ଼ମା ଗାଁରେ ଏକ ଖୁଣ୍ଟରେ ବନ୍ଧାଯାଇଥିବା ଜଳନ୍ତ।

ଏହା ଜାଣିବା ପରେ ସୁଭଦ୍ରାଙ୍କ ପରିବାର ଲୋକେ ଓ କେତେ ଜଣ ଗ୍ରାମବାସୀ ସେଠାରେ ପହଞ୍ଚି ଜଳନ୍ତଙ୍କୁ ମାଡ଼ ମାରିବା ସହ ଗାଁ ଦାଣ୍ଡରେ ଥିବା ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ସେପରି ଅବସ୍ଥାରେ ମଧ୍ୟ ସେମାନେ ତାଙ୍କୁ ପୁଣି ମାଡ଼ ମାରିଥିଲେ। ବନ୍ଧା ଯାଇଥିବା ଅବସ୍ଥାରେ ଜଳନ୍ତ ରାତିସାରା ରହିଥିଲେ। ତେବେ କୌଣସି ସୂତ୍ରରୁ ଖବରପାଇ ଅଡବା ପୋଲିସ ପହଞ୍ଚି ସୁଭଦ୍ରାଙ୍କ ପରିବାର ଲୋକ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଜଳନ୍ତଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି।

# ବଳାତ୍କାର ଅଭିଯୋଗରେ ଏସ୍‌ଆଇ ଗିରଫ

ଫୁଲବାଣୀ, ୧୪।୮ (ରାକେଶ କୁମାର ରାଉତ)

ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ କନ୍ଧମାଳ ଜିଲା କୋଟଗଡ଼ ଥାନାରେ କାର୍ଯ୍ୟରତ ଜଣେ ପୋଲିସ ଏସ୍‌ଆଇ ଗୁରୁବାର ଗିରଫ ହୋଇଛନ୍ତି। ସେ ହେଲେ କଟକର ସ୍ମୃତି ସାଗର ସାମଲ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ୧୪ ଦିନ ପାଇଁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସ୍ମୃତି ପୂର୍ବରୁ ଗୋଚ୍ଛାପଡା ଥାନାରେ କାର୍ଯ୍ୟ କରୁଥିଲେ। ଗୋଚ୍ଛାପଡା ଥାନା ପାଖରେ ଜଣେ ହୋମଗାର୍ଡଙ୍କ ସ୍ତ୍ରୀଙ୍କର ଭେରାଇଟି ଷ୍ଟୋର ରହିଛି । ସ୍ମୃତି ପ୍ରତ୍ୟେକ ଦିନ ଉକ୍ତ ଦୋକାନକୁ ଯାଇ ସମ୍ପୃକ୍ତା ମହିଳାଙ୍କୁ ଅଶ୍ଳୀଳ କମେଣ୍ଟ ମାରୁଥିଲେ। ଏପରିକି ସେ ଜଣେ ଅଫିସର, ତାଙ୍କର ଦରମା ଅଧିକ ବୋଲି କହି ତାଙ୍କୁ ବିବାହ କରିବାକୁ କହୁଥିଲେ। ୨୦୨୪ ମେ'ରେ ଦୋକାନରେ କେହି ନ ଥିବାର ସୁଯୋଗ ନେଇ ସମ୍ପୃକ୍ତା ମହିଳାଙ୍କୁ ପ୍ରଲୋଭିତ କରି ବଳାତ୍କାର କରିଥିଲେ । ଏହାପରେ ବିଭିନ୍ନ ସମୟରେ ବାରମ୍ବାର ବଳାତ୍କାର କରୁଥିଲେ । ମହିଳା ବିରୋଧ କଲେ ତୋ ସ୍ୱାମୀକୁ ମାରିଦେବି ବୋଲି ଧମକ ଦେଉଥିଲେ । ଏ ନେଇ ମହିଳା ଜଣକ ତତ୍କାଳୀନ ଥାନାଧିକାରୀଙ୍କୁ ଜଣାଇଥିଲେ। ହେଲେ ଏସ୍‌ଆଇ ସ୍ମୃତିଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଗତ ବୁଧବାର ପୁଣି ମହିଳା ଜଣକ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଗୁରୁବାର ସ୍ମୃତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବୁଧବାର ମାମଲା ରୁଜୁ ପରେ ଏସ୍‌ଆଇ ସ୍ମୃତିଙ୍କ ସହ ଯୋଗଯୋଗ କରିବାରୁ ସେ କହିଥିଲେ, ଗୋଚ୍ଛାପଡା ଥାନାରେ କାମ କଲା ବେଳେ ବହୁ ଗଞ୍ଜେଇ ଜବତ କରିଛି । ହୋମଗାର୍ଡମାନେ ପ୍ରତ୍ୟକ୍ଷ ଭାବେ ଗଞ୍ଜେଇ କାରବାରରେ ଲିପ୍ତ ଅଛନ୍ତି । ଏ କଥା ଏସ୍‌ପିଙ୍କୁ ଜଣେଇଛି। ଆକ୍ରୋଶ ରଖି ସମ୍ପୃକ୍ତା ମହିଳା ତାଙ୍କ ବିରୋଧ ଏଭଳି ଅଭିଯୋଗ କରିଥିବା କହିଛନ୍ତି।


## ODISHA COAL AND POWER LTD.

OCPL Odisha Coal and Power Limited

(A GOVT. OF ODISHA COMPANY)

Zone-A, Fourth Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 2300664

### NOTICE INVITING TENDER

NIT No.: OCPL/SER-213/2025 Date: 15.08.2025

Sealed bids in prescribed format are invited from professional Contractor/Agency/Firm for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of Download of Tender Document | Last Date of Submission/ Opening of Bid |
|---|---|---|---|---|---|
| 1 | Construction of Football Playground with other Facilities at Tamian and Lathor in Patnagarh, under the Balangir District of Odisha | Rs.2,360/- (Rupees Two Thousand Three Hundred and Sixty only) including GST | 15.08.2025 | 25.08.2025 | 03.00 P.M./ 03.30 P.M. on 08.09.2025 |

For further details, bidders may visit our website, i.e., **www.ocpl.org.in**. Any clarification may please be addressed to the undersigned at the above address or by email to: **contracts@ocpl.org.in**.

**Sd./- Chief Operating Officer**

## boyanika

No. CAD-1453

EXPRESSION OF INTEREST

**No. 2218** **Dt. 13.08.2025**

**Name of the work:-** Expression of Interest for Display of Hoardings for Boyanika in different places at Odisha. **The last date & time for submission of documents 06.09.2025 at 2.00 P.M.** Refer website for details- **www.boyanika.com**. All the information on this EOI will be available in the above website from 15.08.2025.

**SD/ Managing Director Boyanika**

OIPR-31004/11/0118/2526

## MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)

ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା

ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,

ୱେବ୍‌ସାଇଟ୍ :www.mahanadicoal.in

### ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5267

## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR

No.O-583

E-Mail : eerw_gm1@yahoo.co.in

Government of Odisha e-Procurement Notice

Bid Identification No. Online Tender//03//SERWDG-I//2025-26

Letter No. 3759//RWDG-I//BAM//Date : 11.08.2025

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.50.39 Lakhs to Rs.50.84 Lakhs |
| 3 | Period of Completion | : | 09 (Nine) Calendar Months as shown in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 19.08.2025 at 11.00 AM to 30.08.2025 upto 6.00 PM |
| 5 | Last Date / Time for Receipt of Bids in the Portal | : | 29.08.2025 up to 6.00 PM |
### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

OIPR-15001/13/0954/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

























See Career Appointment on every Wednesday & Saturday










**RAGHUNATHJEW DEGREE COLLEGE**
Cuttack - 08, Pin - 753008, Ph : 9437363700
*In the Heart of Cuttack City*
It is a Govt. - Aided College affiliated by Utkal University
SCIENCE, ARTS & COMMERCE
Regular Course
Subjects (All Honours)
**+3 Arts (224 Seats)**
History (32), Pol. Sc. (40), Odia (40), Economics (32), Education (32), Eng (16), Sociology (32)
**+3 Science (288 Seats)**
Physics (40), Chemistry (40), Botany (56), Zoology (56), Comp. Sc. (32), Env. Sc. (16), Mathematics (16), Geology (32)
**+3 Commerce (128 Seats)**
All Honours
Admission Going on in Distance Mode
Under Odisha State Open University
MA : History, Pol. Sc., Odia, Economics, Sociology, English, Public Administration, Rural Development, Commerce
BA : Economics, English, Hindi, History, Odia, Pol.Sc.
FOR DETAILS CONTACT : 7682016791
























# ଆରମ୍ଭ ହେଲା 'ମାଝୀ' ସମ୍ପ୍ରଦାୟ ଗଣନା

ଭୁବନେଶ୍ୱର,୧୪।୮
(ରବିନାରାୟଣ ଜେନା)

## ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଡିଡବ୍ଲ୍ୟୁଓଙ୍କୁ ମଗାଗଲା ତଥ୍ୟ

ରାଜ୍ୟରେ ୨୦୧୧ ପରେ ଜନସଂଖ୍ୟା ଗଣନା ହୋଇ ନ ଥିବାବେଳେ ଆଦିବାସୀ ଗଣନା ପ୍ରକ୍ରିୟାର ଅଗ୍ରଗତି ହୋଇନାହିଁ। ଆଦିବାସୀ ଗଣନା ଲାଗି କେନ୍ଦ୍ର ନିଷ୍ପତ୍ତି ନେଇଥିଲେ ହେଁ ତାହା ଏବେ ରାଜ୍ୟରେ ପ୍ରକ୍ରିୟା ଭିତରେ ରହିଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମାଝୀ' ସମ୍ପ୍ରଦାୟ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ କେତେ ସଂଖ୍ୟକ 'ମାଝୀ' ସମ୍ପ୍ରଦାୟ ରହିଛନ୍ତି ଏବଂ କେଉଁ ଜିଲାରେ କେତେ ଅଛନ୍ତି, ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗଣନା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ଅନୁସୂଚିତ ଜାତି, ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ନିର୍ଦ୍ଦେଶାଳୟ ପକ୍ଷରୁ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ଚଳିତମାସ ୪ତାରିଖରେ ତିନୋଟି ଜିଲା (ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ)ର ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ)ଙ୍କୁ ପତ୍ର ଲେଖି 'ମାଝୀ' ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ବିବରଣୀ ଲୋଡ଼ିଛନ୍ତି। ଉପନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି, ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୧ରୁ ତଥ୍ୟ ମଗା ଯାଉଥିଲେ ମଧ୍ୟ ମିଳିପାରୁ ନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ତଥ୍ୟ ମଗାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚଳିତମାସ ୨୦ ସୁଦ୍ଧା 'ମାଝୀ' ସମ୍ପ୍ରଦାୟର ପୂର୍ଣ୍ଣାଙ୍ଗ ତଥ୍ୟ ଦେବାକୁ ସେ ଦର୍ଶାଇଛନ୍ତି। ଉପନିର୍ଦ୍ଦେଶକ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସହିତ ନୀତି ଆୟୋଗଙ୍କ ପକ୍ଷରୁ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶାଳୟକୁ 'ଜଲିଆ', 'ଜାନୁଘଣ୍ଟ' ଓ 'ମାଝୀ' ପରି ବିଜ୍ଞାପିତ ହୋଇ ନ ଥିବା ସମ୍ପ୍ରଦାୟ, ଯାଯାବର ଓ ସହ-ଯାଯାବର ସମୁଦାୟମାନଙ୍କର ଜାତି ସାମାଜିକ ଅଧ୍ୟୟନ(ଇଏସ୍) କରି ରିପୋର୍ଟ ଦେବା ପାଇଁ କୁହାଯାଇଛି। ମାତ୍ର ସମ୍ପୃକ୍ତ ଜିଲାରୁ 'ମାଝୀ' ସମୁଦାୟର ଠିକ୍ ତଥ୍ୟ ମିଳୁ ନ ଥିବାରୁ ସେହି ସମୁଦାୟ ସମ୍ପର୍କିତ ବ୍ୟାପକ ଜାତି ସାମାଜିକ ଅଧ୍ୟୟନ କରାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ଚଳିତମାସ ୨୦ ସୁଦ୍ଧା ସମ୍ପୃକ୍ତ ଜିଲାରେ କେତେ ମାଝୀ ସମୁଦାୟ ରହିଛନ୍ତି ତା'ର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ସେ ଦର୍ଶାଇଛନ୍ତି।

# ଲଘୁଚାପ ସକ୍ରିୟ, ୧୯ ପର୍ଯ୍ୟନ୍ତ ବର୍ଷିବ

ଭୁବନେଶ୍ୱର,୧୪।୮ (ଅନୁରାଧା ମହାରଣା)

ଉତ୍ତର-ପଶ୍ଚିମ ଏବଂ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ସଂଲଗ୍ନ ଅଞ୍ଚଳ ଉପରେ ଲଘୁଚାପ ସକ୍ରିୟ ରହିଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉପରେ ଦକ୍ଷିଣ ଆଡ଼କୁ ଢଳି ରହିଛି। ଶୁକ୍ରବାର ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ସେହିପରି ମୌସୁମୀ ଟ୍ରଫ ଏବେ ହାରାହାରି ସମୁଦ୍ର ପତ୍ତନରେ ବିକାନେର, ବନସ୍ଥଳୀ, ଗୁନା, ଦାମୋହ, ବିଳାସପୁର, କଳିଙ୍ଗପଟନମ ଓ ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଅତିକ୍ରମ କରୁଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି।

DADLS-42



ସତ୍ୟମେବ ଜୟତେ

ପବିତ୍ର ସ୍ୱାଧୀନତା ଦିବସ - ୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)



୭୯ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ଆସନ୍ତୁ, ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ସହିତ ରାଜ୍ୟ ଓ ଦେଶର ସାମଗ୍ରିକ ବିକାଶ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0952/2526

ରାଷ୍ଟ୍ରीय पटसन बोर्ड NATIONAL JUTE BOARD
National Jute Board | Ministry of Textiles | Govt. of India

ପାଳନ କରୁନ୍ତୁ ଉତ୍ସବ ଝୋଟର, ପରିବେଶ ଅନୁକୂଳ 'ତନ୍ତୁ' ଭବିଷ୍ୟତର



ଆଜି ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ
ଆସନ୍ତୁ ଆମେ ଝୋଟ ଉତ୍ପାଦଗୁଡ଼ିକୁ ଅଧିକରୁ ଅଧିକ ବ୍ୟବହାର କରିବାର ସଂକଳ୍ପ ନେବା

ବିଗତ ୧୧ ବର୍ଷରେ ଝୋଟ କ୍ଷେତ୍ରରେ ପ୍ରାପ୍ତ ହୋଇଥିବା ସଫଳତା

- ଆଇକେୟାର୍ ଯୋଜନା ଅଧୀନରେ ୫.୫୬ ଲକ୍ଷ ଝୋଟ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି ଯାହାଦ୍ୱାରା ସେମାନଙ୍କ ଆୟରେ ଟ.୧୦,୦୦୦/ହେକ୍ଟର ବୃଦ୍ଧି ହେବା ସହ ଝୋଟର ଉତ୍ପାଦକତାରେ ୧୫% ବୃଦ୍ଧି ଘଟିଛି।
- ବର୍ଷ ୨୦୨୪-୨୫ରେ ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ଟ.୫୬୫୦କୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ଟ.୨୩୦୦ ଥିଲା।
- ୩୦ଟି ନୂଆ ମିଲ୍ ଖୋଲାଯାଇଛି ଯାହାଦ୍ୱାରା ଝୋଟ ମିଲ୍‌ଗୁଡ଼ିକର ସଂଖ୍ୟା ୧୨୦କୁ ବୃଦ୍ଧି ପାଇଛି।
- ଝୋଟ ମିଲ୍ ଓ ଝୋଟ ଏମ୍‌ଏସ୍‌ଏମ୍‌ଇ ଏକକଗୁଡ଼ିକର ଶ୍ରମିକମାନଙ୍କ ୪୦,୦୦୦ ଝିଅଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯଇଛି।
- ବର୍ଷ ୨୦୨୩-୨୪ ଅବଧିରେ ୬୧୭.୨୫ କୋଟି ଟଙ୍କାର ଏମ୍‌ଏସ୍‌ପି କ୍ରୟ, ଯାହା ଏପର୍ଯ୍ୟନ୍ତର ସବୁଠାରୁ ଅଧିକ କ୍ରୟ ଅଟେ।
- ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଝୋଟ ମିଲ୍‌ଗୁଡ଼ିକରେ ୧୪୫୦ ଶୌଚାଳୟ ବ୍ଲକ୍ ନିର୍ମାଣ କରାଯାଇଛି।
- ବାଧ୍ୟତାମୂଳକ ପ୍ୟାକେଜିଂ ମାନଦଣ୍ଡ ଅନ୍ତର୍ଗତ ଝୋଟ ବ୍ୟାଗ୍‌ର ବାର୍ଷିକ କ୍ରୟକୁ ଟ.୧୨,୦୦୦ କୋଟିରୁ ଅଧିକ କରାଯାଇଛି ଯାହାଫଳରେ ୪୦ ଲକ୍ଷ ଝୋଟ ଚାଷୀ ଏବଂ ୭ ଲକ୍ଷ ଶ୍ରମିକଙ୍କ ହିତର ଗ୍ୟାରେଣ୍ଟି ସହ ସୁରକ୍ଷା ସୁନିଶ୍ଚିତ ହୋଇଛି।
- ମୋଟ ଝୋଟ ଉତ୍ପାଦଗୁଡ଼ିକର ରପ୍ତାନି ବର୍ଷ ୨୦୨୪-୨୫ରେ ଟ.୩୨୫୧ କୋଟିକୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ଟ.୨୧୨୨ କୋଟି ଥିଲା।
- ବୟନ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ସମସ୍ତ ଝୋଟ ସଂଗଠନ ପାଇଁ କୋଲକାତାଠାରେ ସର୍ବପ୍ରଥମ ଅତ୍ୟାଧୁନିକ ବିଲ୍ଡିଂ 'ପଟସନ ଭବନ'ର ନିର୍ମାଣ କରାଯାଇଛି।
- ଝୋଟର ବିବିଧକୃତ ଉତ୍ପାଦଗୁଡ଼ିକର ରପ୍ତାନି ବର୍ଷ ୨୦୨୪-୨୫ରେ ଟ.୧୪୫୯ କୋଟିକୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ଟ.୪୮୪ କୋଟି ଥିଲା।

"ପ୍ୟାକେଜିଂରେ ଝୋଟର ବାଧ୍ୟତାମୂଳକ ବ୍ୟବହାର ଝୋଟ କ୍ଷେତ୍ରକୁ ପୁନର୍ଜୀବିତ କରିବାରେ ସହାୟକ ହେବ। ଆମର କାରିଗର ଏବଂ ଚାଷୀମାନଙ୍କ ପାଇଁ ଏହା ଏକ ବଡ଼ ପ୍ରୋତ୍ସାହନ ମଧ୍ୟ ଅଟେ।"
– ନରେନ୍ଦ୍ର ମୋଦୀ

ଝୋଟ ଉତ୍ପାଦ ବ୍ୟବହାର କରନ୍ତୁ, ପରିବେଶ ବଞ୍ଚାନ୍ତୁ
ଝୋଟ ଏକ ପ୍ରାକୃତିକ, ପରିବେଶ ଅନୁକୂଳ, ଜୈବବିଘଟନଶୀଳ, ଦୀର୍ଘସ୍ଥାୟୀ ଏବଂ ଭାରତୀୟ ତନ୍ତୁ ଅଟେ ଏବଂ ଏହା କାର୍ବନ୍ ଫୁଟ୍‌ପ୍ରିଣ୍ଟ ହ୍ରାସ କରିଥାଏ

ଝୋଟର ଉତ୍ପାଦକତା ବର୍ଷ ୨୦୨୪-୨୫ରେ ହେକ୍ଟର ପିଛା ୨୭ କୁଇଣ୍ଟାଲକୁ ବୃଦ୍ଧି ପାଇଛି, ଯାହା ବର୍ଷ ୨୦୧୩-୧୪ରେ ହେକ୍ଟର ପିଛା ୨୪ କୁଇଣ୍ଟାଲ ଥିଲା।

୭୯ତମ ସ୍ୱାଧୀନତା ଦିବସର ଉତ୍ସବ ପାଳନ



CBC 41129/13/0002/2526

# ଜରାଜୀର୍ଣ୍ଣ ଅବସ୍ଥାରେ ସଂଗ୍ରାମୀ ସ୍ମାରକୀ ଭବନ



ସଂଗ୍ରାମୀ ସ୍ମାରକୀ ଭବନ ପରିସରରେ ଅନାବନା ବୃକ୍ଷଲତା ମାଡ଼ିଯାଇଛି।

- ପ୍ରଶାସନର ନିଘା ନାହିଁ
- ଅନାବନା ବୃକ୍ଷଲତା ମାଡ଼ିଗଲାଣି
- ଉନ୍ନତୀକରଣ ପାଇଁ ଦାବି

**ବରୀ,୧୪।୮ (ମହେନ୍ଦ୍ର ସ୍ୱାଇଁ):** ଦେଶରେ ୭୯ତମ ସ୍ୱାଧୀନତା ଦିବସ ଶୁକ୍ରବାର ପାଳନ ହେବ। ଏଥିପାଇଁ ସମସ୍ତଙ୍କ ମନରେ ବେଶ ଉତ୍କଣ୍ଠା ରହିଛି। ମାତ୍ର ସଂଗ୍ରାମୀଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ବରୀ ବ୍ଲକ ଅଧୀନ ବରୀପାଳଠାରେ ନିର୍ମାଣ ହୋଇଥିବା ସଂଗ୍ରାମୀ ସ୍ମାରକୀ ଭବନ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଫଳରେ ଏହାକୁ ନେଇ ବରୀବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

ସ୍ୱାଧୀନତା ସଂଗ୍ରାମର ଅନ୍ତୁଡ଼ି ଶାଳା କୁହାଯାଉଥିବା ବରୀର ନାମ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି। ୧୯୪୨ ଅଗଷ୍ଟ ୨୬ରେ ମହାତ୍ମା ଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନ ଡାକରାରେ ଅଞ୍ଚଳର ବହୁବ୍ୟକ୍ତି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ସାଉଣ୍ଟି ମଲ୍ଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ ଇଂରେଜଙ୍କ ଗୁଳିରେ ଶହୀଦ ହୋଇଥିଲେ।

ସ୍ୱାଧୀନତା ସଂଗ୍ରାମରେ ବରୀବାସୀଙ୍କ ତ୍ୟାଗ ଓ ନିଷ୍ଠା ପାଇଁ ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ ବରୀ ଅଞ୍ଚଳରେ ରହିବା ସହିତ ସଂଗ୍ରାମୀମାନଙ୍କୁ ପ୍ରେରଣା ଯୋଗାଇ ଆସୁଥିଲେ। ବରୀବାସୀଙ୍କ ଉଦ୍ୟମରେ ବରୀ ବାଗଦାଠାରେ ରମାଦେବୀ ଗୋପବନ୍ଧୁ ଆଶ୍ରମ ଓ ସେବାଘର ପ୍ରତିଷ୍ଠା କରାଯାଇଥିଲା। ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରାମୀ ସ୍ମାରକୀ ଭବନ ନିର୍ମାଣ କରାଯାଇ ସେଠାରେ ସଂଗ୍ରାମୀଙ୍କ ତୈଳଚିତ୍ର ସ୍ଥାପନ କରାଯିବାକୁ ବହୁ ବୁଦ୍ଧିଜୀବୀ ଦାବି କରି ଆସୁଥିଲେ। ସେମାନଙ୍କ ଦାବିକୁ ଗ୍ରହଣ କରି ପୂର୍ବତନ ବରୀ ବିଧାୟକ ଦେବାଶିଷ ନାୟକ ବରୀପାଳଠାରେ ସଂଗ୍ରାମୀ ସ୍ମାରକୀ ଭବନ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଥିଲେ।

ଏହି ସଂଗ୍ରାମୀ ଭବନକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫।୦୨।୨୦୦୪ରେ ଶିଳାନ୍ୟାସ କରିଥିଲେ। ସରକାରଙ୍କ ତରଫରୁ ମଞ୍ଜୁର ଅର୍ଥରେ ଏହି ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ଭବନ ନିର୍ମାଣ କରାଯାଇଥିଲା। ହେଲେ ସମୟକ୍ରମେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ପ୍ରଶାସନିକ ଅବହେଳା ଯୋଗୁ ଏହି ସ୍ମାରକୀ ଭବନ ଏବେ ଅନାବନା ବୃକ୍ଷଲତାରେ ଢାଙ୍କି ହୋଇଯାଇଛି। ସଂଗ୍ରାମୀ ଭବନ ଅବସ୍ଥା ଏଭଳି ହୋଇଥିଲେ ମଧ୍ୟ ପ୍ରଶାସନର ଏହାଉପରେ ନିଘାନାହିଁ। ସେହିପରି ଏହା ବରୀ ପଞ୍ଚାୟତ ସମିତି ଅଧୀନରେ ଥିଲେ ବି କୌଣସି ଜନପ୍ରତିନିଧି ଏହାର ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତ ସମିତି ବୈଠକରେ କେବେ ଦାବି ଉପସ୍ଥାପନ କରିନାହାନ୍ତି। ତେଣୁ ସଂଗ୍ରାମୀ ସ୍ମାରକୀ ଭବନର ଉନ୍ନତୀକରଣ ପାଇଁ ପୂର୍ବତନ ବରୀ ବ୍ଲକ୍ ଅଧ୍ୟକ୍ଷ ନୀଳମଣି ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଲଭ ବେଉରିଆ, ଶିକ୍ଷାବିତ୍ କୁଞ୍ଜବିହାରୀ ଦାସ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ସଭାପତି ମଦନ ମୋହନ ପତି, ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ନିମାଇଁ ରାୟ, ନୃସିଂହ ବେହେରା ଓ କର୍ଣ୍ଣଚନ୍ଦ୍ର ଘଡ଼ାଇଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସ୍ୱେଚ୍ଛାସେବୀ ସଂଗଠନ ଦାବି କରିଛନ୍ତି।

## ଏମାନେ କୁହନ୍ତି...



"ସଂଗ୍ରାମୀ ସ୍ମାରକୀ ଭବନର ରକ୍ଷଣାବେକ୍ଷଣ ଆମ ସମସ୍ତଙ୍କ କର୍ତ୍ତବ୍ୟ, ଆଗାମୀ ବିଧାନସଭା ଅଧିବେଶନରେ ଏହାର ଉନ୍ନତୀକରଣ ପାଇଁ ଦାବି ଉପସ୍ଥାପନା କରିବି। ଆବଶ୍ୟକସ୍ଥଳେ ପ୍ରଶାସନ ସହ ଆଲୋଚନା କରି ମୋର କର୍ତ୍ତବ୍ୟ ନିର୍ବାହ କରିବି।

**-ବିଶ୍ୱରଞ୍ଜନ ମଲ୍ଲିକ, ବରୀ ବିଧାୟକ**



"ବହୁ ଉଦ୍ୟମ କରି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସଂଗ୍ରାମୀ ସ୍ମାରକୀ ଭବନ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଥିଲି। କିନ୍ତୁ ସେ ଭବନର ଏଭଳି ଅବସ୍ଥା ଦେଖିଲେ ଅତ୍ୟନ୍ତ ଦୁଃଖ ଲାଗୁଛି। ସରକାର ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ।

**-ଦେବାଶିଷ ନାୟକ, ପୂର୍ବତନ ବରୀ ବିଧାୟକ**



"ସଂଗ୍ରାମୀ ସ୍ମାରକୀ ଭବନ ନିର୍ମାଣବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ହିସାବରେ ଗର୍ବ ଅନୁଭବ କରୁଥିଲି। କିନ୍ତୁ ଆଜି ଏହାର ଜରାଜୀର୍ଣ୍ଣ ଅବସ୍ଥା କେବଳ ମତେ ନୁହେଁ ସମ୍ପୂର୍ଣ୍ଣ ବରୀବାସୀଙ୍କୁ ମର୍ମାହତ କରିଛି।

**-ସୁରେଶ ଚନ୍ଦ୍ର ସାମଲ, ସଂଗ୍ରାମୀଙ୍କ ଦାୟାଦ, ବାଲିବିଲ**



"ସଂଗ୍ରାମୀ ସ୍ମାରକୀ ଭବନର ଉନ୍ନତୀକରଣ ପାଇଁ ସରକାର ଓ ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଲେ ଏହା ସଂଗ୍ରାମୀମାନଙ୍କ ପାଇଁ ଉପଯୁକ୍ତ ସମ୍ମାନ ହେବ। ମୋର ଆଶା ସରକାର ଏ ଦିଗରେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବେ।

**-ସୁଲଭ ବେଉରିଆ, ପୂର୍ବତନ ଜିଲା ପରିଷଦ ସଭ୍ୟ**

## ଚିତାଲୋ କଲେଜ ଅଧ୍ୟାପକଙ୍କ ନାଁରେ ଠକେଇ ଅଭିଯୋଗ

**ଯାଜପୁରଟାଉନ,୧୪।୮ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):** ଚିତାଲୋ ଯୁକ୍ତ ୩ଡିଗ୍ରୀ କଲେଜ ଇଂଲିଶ ଅଧ୍ୟାପକ ନାରାୟଣ ସେଠୀଙ୍କ ନାମରେ ଯାଜପୁର ସଦର ଥାନାରେ ଠକେଇ ଅଭିଯୋଗ ହୋଇଛି। ସେ ଆନ୍ଧ୍ରପ୍ରଦେଶରେ ବି.ଏଡ୍ କରାଇଦେବାକୁ କହି ଛାତ୍ରୀଛାତ୍ରୀଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଛନ୍ତି। ମାତ୍ର ପରୀକ୍ଷା ପରେ ଛାତ୍ରୀଛାତ୍ର ସାର୍ଟିଫିକେଟ ନ ପାଇବାରୁ ତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଧ୍ୟାପକଙ୍କୁ ଥାନାକୁ ଆଣି ପଚରାଉଚରା କରିଛି। ଅଧ୍ୟାପକ ଥାନାରେ କେତେଜଣ ଛାତ୍ରୀଛାତ୍ରଙ୍କୁ ତାଙ୍କର ଅର୍ଥ ଫେରାଇ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ପୋଲିସ ତାଙ୍କୁ ନୋଟିସ ଦେଇ ଛାଡ଼ିଦେଇଛି। ଛାତ୍ରୀଛାତ୍ର କହିଛନ୍ତି, ଦୁଇ ବର୍ଷ ପାଠ୍ୟକ୍ରମ ଦେୟ ବାବଦକୁ ଟଙ୍କା ଦେଇଥିଲେ ମଧ୍ୟ ପରୀକ୍ଷା ସମାପ୍ତ ପରେ ସାର୍ଟିଫିକେଟ ପାଇ ନ ଥିଲେ। ଫଳରେ ଛାତ୍ରୀଛାତ୍ର ଆନ୍ଧ୍ରପ୍ରଦେଶ ଯାଇ ପରୀକ୍ଷା ଦେଇଥିବା ମହାବିଦ୍ୟାଳୟରେ ଅଭିଯୋଗ କରିଥିଲେ। ମାତ୍ର ପାଠ୍ୟକ୍ରମ ଦେୟ ଦିଆଯାଇ ନ ଥିବାରୁ ସାର୍ଟିଫିକେଟ ପ୍ରଦାନ କରାଯିବ ନାହିଁ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଏନେଇ ଛାତ୍ରୀଛାତ୍ର ସଂପୃକ୍ତ ଅଧ୍ୟାପକଙ୍କୁ ପଚାରିବାରୁ ସେ ବିଭ୍ରାନ୍ତକର ତଥ୍ୟ ଉପସ୍ଥାପନ କରିଥିଲେ। ଫଳରେ ଛାତ୍ରୀଛାତ୍ର ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଧ୍ୟାପକ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ଘର ଯାଜପୁର ବ୍ଲକ ଭୁଇଁପୁର ପଞ୍ଚାୟତରେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ପ୍ରକାଶ ଚନ୍ଦ୍ର ମୁଦୁଲିଙ୍କୁ ପଚାରିବାରେ ସେ ଘଟଣା ସମ୍ପର୍କରେ ଅବଗତ ନାହାନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଅଧ୍ୟାପକ ସେଠୀ କୌଣସି ସୂଚନା ନ ଦେଇ ୫ ଦିନ ହେବ କଲେଜକୁ ଆସିନାହାନ୍ତି ବୋଲି ମୁଦୁଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଅଧ୍ୟାପକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଟ୍ରେନ୍ ଲାଇନରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କଳିଙ୍ଗନଗର,୧୪।୮ (ଶୁଭାଶିଷ ରାଉତ):** ଓଡ଼ପଡା ଅଞ୍ଚଳର ଯୁବକ ମଙ୍ଗୁଳି ଖୁଣ୍ଟିଆ ଗୁରୁବାର ସକାଳେ କୌଣସି କାରଣରୁ ଟ୍ରେନ୍ ଲାଇନରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବାଲୁଙ୍ଗା ବନ୍ଦୀ ଗ୍ରାମ ନିକଟ ଟ୍ରେନ ଲାଇନକୁ ସେ ଆତ୍ମହତ୍ୟା କରିବାକୁ ଯାଇଥିଲେ। ସେ ଟ୍ରେନ ଲାଇନରେ ଶୋଇଥିବାବେଳେ ହଠାତ ଟ୍ରେନ ଆସୁଥିବା ଦେଖି ଭୟଭୀତ ହୋଇ ଉଠିପଡ଼ିଥିଲେ। ଏହି ସମୟରେ ତାଙ୍କ ବାମହାତ ଟ୍ରେନ ଲାଇନରେ ରହିଯାଇଥିଲା। ଫଳରେ ଟ୍ରେନ୍ ଚକାରେ ବାମହାତ ବାହୁ ନିକଟରୁ କଟି ଯାଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଦାନାଗଦି ଓ ପରେ କଟକ ବଡ଼ ମେଡିକାଲକୁ ପଠାଇଥିଲେ।

## ଜନ୍ମ ମାଟିରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

**ରସୁଲପୁର,୧୪।୮ (ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତ ଶୁଳିଆ ଗ୍ରାମର ଯବାନ(ଆର୍ମି ଜି.ଡି.) ଧର୍ମେନ୍ଦ୍ର ନାୟକ(୨୮)ଙ୍କ ଗୁରୁବାର ନିଜ ଜନ୍ମମାଟିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଜସ୍ଥାନ ରାଜ୍ୟର ଯୋଧପୁର ରେଳ ଷ୍ଟେଶନରେ ଟ୍ରେନରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ମରଶରୀର ବିମାନ ଯୋଗେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ଗୁରୁବାର ପୂର୍ବାହ୍ନରେ ମରଶରୀରକୁ ଜନ୍ମ ମାଟି ଗାଁ ଶୁଳିଆକୁ ଅଣାଯାଇଥିଲା। ମରଶରୀରକୁ ୧୬ନମ୍ବର ଜାତୀୟରାଜପଥ ପାର୍ଶ୍ୱସ୍ଥ ଜାରକା ବଜାରଠାରୁ ଶୋଭାଯାତ୍ରାରେ ଅଣାଯାଇଥିଲା। ଗାଁର ଶତାଧିକ ଯୁବକ ଶାଭାଯାତ୍ରାରେ ସାମିଲ ହୋଇ ଧର୍ମେନ୍ଦ୍ର ଅମର ରହେ ସ୍ଲୋଗାନ ଦେଇଥିଲେ। ଜାରକା, ବାରବାଟୀ, ସିଂହାପୁର ବଜାର ଆଦି ପରିକ୍ରମା କରିବା ପରେ ମରଶରୀକୁ ଗାଁ ଶ୍ମଶାନକୁ ନିଆଯାଇଥିଲା। ମଧୁପୁର ହାଇସ୍କୁଲର ସମରଶିକ୍ଷାର୍ଥୀ ବାହିନୀ, ଶୁଳିଆ ଉ.ପ୍ରା. ବିଦ୍ୟାଳୟର ଓ ମଧୁପୁର ଡିଗ୍ରୀ କଲେଜ ସମେତ ବହୁ ସ୍ୱେଚ୍ଛସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ବିଭିନ୍ନ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ଯବାନ ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ସ୍ଥଳ ସେନାବାହିନୀର ଅଧିକାରୀ, ସୈନିକମାନଙ୍କ ପକ୍ଷରୁ ତୋପ ସଲାମୀ ପ୍ରଦାନ କରାଯିବା ସହ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଯାଜପୁର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ରସୁଲପୁର ତହସିଲଦାର ସିର୍ଦ୍ଧାର୍ଥ ବେହେରା, ବିଡିଓ ସତ୍ୟାନନ୍ଦ ଦାଶ, ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ସମେତ ବହୁ ଜନପ୍ରତିନିଧି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯବନାଙ୍କ ସାନଭାଇ ଜିତେନ୍ଦ୍ର ନାୟକ ମୁଖାଗ୍ନି ଦେଇଥିଲେ।



ଯବାନ ଧର୍ମେନ୍ଦ୍ର ନାୟକଙ୍କୁ ତୋପ ସଲାମୀ ଦିଆଯାଉଛି।

## ଧାନମଣ୍ଡି ଗୃହର ଶିଳାନ୍ୟାସ

**ବଡ଼ଚଣା,୧୪।୮ (ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ସେବା ସମବାୟ ସମିତିର ନୂତନ ଧାନମଣ୍ଡି ଗୃହର ଶିଳାନ୍ୟାସ କରାଯାଇଛି। ବିଧାୟକ ଅମର କୁମାର ନାୟକ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ରାଜ୍ୟ ସରକାର ଓ ବିଧାୟକଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହେବାକୁ ଯାଉଥିବାରୁ ଅଞ୍ଚଳ ବାସି ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ସମବାୟ ସମିତି ସଦସ୍ୟ ତରୁଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ପାଣ୍ଡବଚରଣ ଧଳ, ସାମାଜିକ କର୍ମୀ ସମର କେତନ ଲେଙ୍କା, ସମିତିସଭ୍ୟ ସମୀର ରଞ୍ଜନ ଦାସ, ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ରାଉତ, ବିକାଶ ମହାପାତ୍ର, ନାରାୟଣ ସାମଲ, ବିଶ୍ୱଜିତ ସାମଲ, ପ୍ରସନ ରାଉତ ପ୍ରମୁଖ ଯୋଗଦେଇ ପ୍ରଶଂସା କରିଥିଲେ।

## କାରଖାନାରେ ଡ୍ରେନ୍ ସଫେଇ ବେଳେ ଶ୍ରମିକ ମୃତ

**କଳିଙ୍ଗନଗର,୧୪।୮ (ଶୁଭାଶିଷ ରାଉତ):** କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜଦାନୀ କାରଖାନା ପରିସରରେ ଗୁରୁବାର ଡ୍ରେନ ସଫେଇ କାର୍ଯ୍ୟ ଚାଲୁଥିବାବେଳେ ଡ୍ରେନ ପାଚେରି ଧସିପଡ଼ିଛି। ଫଳରେ ପାଚେରି ତଳେ ଚାପି ହୋଇ ଜଣେ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁହୋଇଛି। ମୃତ ଶ୍ରମିକ ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଲାଉଲଇ ଗ୍ରାମର ରାମ ସିଂ କେରଇଙ୍କ ପୁଅ ଦଶରଥ କେରେଇ (୪୫)ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ କାରଖାନା କର୍ତ୍ତୃପକ୍ଷ ଦଶରଥଙ୍କୁ କଟକ ନେଇଥିଲେ। ହେଲେ ଘଟଣା ସମ୍ପର୍କରେ କାରଖାନାଠାରୁ ୫୦ ମିଟର ଦୂରତାରେ ଥିବା ଯଖପୁରା ଥାନାକୁ ଖବର ଦେଇ ନ ଥିଲେ। ଏହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କାରଖାନା ଓ ବାଷ୍ପୀୟ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ ଦଶରଥଙ୍କୁ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଛି ବୋଲି କହିଛନ୍ତି। ମାତ୍ର ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ତାଙ୍କୁ ମେଡିକାଲ ନିଆଯାଇଥିବା ଅଭିଯୋଗ ହୋଇଛି।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

### ପିଜୁଳିଗଛରୁ ପଡ଼ି ହୋମଗାର୍ଡଙ୍କ ମୃତ୍ୟୁ

**ବିଞ୍ଝାରପୁର,୧୪।୮ (ରାମକୃଷ୍ଣ ଦାସ):** ବିଞ୍ଝାରପୁର ଥାନାରେ କାର୍ଯ୍ୟରତ ହୋମଗାର୍ଡ ଦୀନବନ୍ଧୁ ମଲ୍ଲିକ(୫୩)ଙ୍କ ଗୁରୁବାର ଅପରାହ୍ନରେ ପିଜୁଳିଗଛରୁ ପଡ଼ି ମୃତ୍ୟୁ ହୋଇଛି। ଫଳରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ସନ୍ଧ୍ୟା ୭ଟାରେ ବିଞ୍ଝାରପୁର ମେଡିକାଲ ଛକରେ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। କାର୍ଯ୍ୟରତ ଦୀନବନ୍ଧୁଙ୍କୁ କିଏ ପିଜୁଳି ତୋଳିବାକୁ କହିଥିଲେ ତାହାର ତଦନ୍ତ କରିବାକୁ ଆନ୍ଦୋଳନକାରୀ ଦାବି କରିଛନ୍ତି। ଏଥିସହିତ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଅଡ଼ି ବସିଛନ୍ତି। ଖବର ଲେଖାହେବାବେଳକୁ ଥାନା ଅଧିକାରୀ ବାମଦେବ ନନ୍ଦ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିଲେ। ହେଲେ କୌଣସି ସମାଧାନ ସୂତ୍ର ବାହାରି ନ ଥିଲା।

ମିଳିଥିବା ସୂଚନା ମୁତାବକ, ଦୀନବନ୍ଧୁ ଅପରାହ୍ନରେ ପୁରୁଣା ଥାନା ପରିସରରେ ଥିବା ପିଜୁଳି ଗଛରେ ଚଢ଼ି ପିଜୁଳି ତୋଳୁଥିଲେ। ଏହି ସମୟରେ କୌଣସି କାରଣରୁ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଦୀନବନ୍ଧୁଙ୍କ ଘର ନିକଟସ୍ଥ ନରୁଆ ମାଧପୁର ଗ୍ରାମରେ ବୋଲି ଜଣାପଡିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୦/୨୫ ରୁଜୁ ହୋଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦିଲୀପ



@ ବାପୁ



@ ଅଭିରାଜ



@ ସୁନନ୍ଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
| --- | --- | --- | --- |
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / **୧୩.୦୮.୨୦୨୫** | **ଶ୍ରୀ ରାଜକିଶୋର ପ୍ରଧାନ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **(୧)** ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ **(୨)** ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବାଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | **୨୧.୦୫.୨୦୨୫/ ୧୨.୦୮.୨୦୨୫** | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / **୧୨.୦୮.୨୦୨୫** | **ଶ୍ରୀ କପିଳ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ଵ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / **୧୨.୦୮.୨୦୨୫** | **ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୪.୦୮.୨୦୨୫**

**ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ନିର୍ମାଣର ୪ମାସ ପରେ ଭୁଶୁଡ଼ିଲା ପାଚେରି**

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ ଜିଲା ଓଡ଼ଗାଁ ବ୍ଲକ ବରସାହି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି । ପ୍ରାୟ ସାଢ଼େ ୪ ମାସ ତଳେ ନିର୍ମାଣ ହୋଇଥିବା ପାଚେରି ସାମାନ୍ୟ ବର୍ଷାରେ ଭୁଶୁଡ଼ି ପଡ଼ିବା ନିମ୍ନମାନର କାମକୁ ପ୍ରମାଣିତ କରୁଛି । କାମ ଚାଲୁଥିବା ସମୟରେ ସ୍ଥାନୀୟ ଲୋକ ନିମ୍ନମାନର କାମ ନେଇ ପ୍ରତିବାଦ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା । ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ହଜିଯାଉଛି ସ୍ୱାଧୀନତାର ମୂଲ୍ୟବୋଧ

**ସ୍ୱାଧୀନତାର ମୂଲ୍ୟବୋଧ ଏବେ ହଜି ଯାଇଛି । ପ୍ରକୃତରେ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଏ ପର୍ଯ୍ୟନ୍ତ ସଫଳ ହୋଇ ପାରିନାହିଁ। ଗାନ୍ଧିଜୀଙ୍କୁ ଭାରତ ବର୍ଷ ଯେତେ ଭୁଲି ଯାଉଛି ଏହି ଦେଶର ଐକ୍ୟ, ସଂହତି ସେତେ ଦୂରେଇ ଯାଉଛି। ୭୯ତମ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ବ୍ୟକ୍ତିଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...**



“ସ୍ୱଚ୍ଛତା ସ୍ୱାଧୀନତାଠାରୁ ଅଧିକ ମୂଲ୍ୟବାନ। ସ୍ୱାଧୀନତାମାନେ ନୁହେଁ ସ୍ୱେଚ୍ଛାଚାରିତା। ମନ ଓ ହୃଦୟରେ ସ୍ୱଚ୍ଛତା ଆସିଲେ ଅସୁମାରୀ ମଣିଷକୃତ ଅସୁବିଧା ଦୂର ହୋଇପାରିବ। ବୈଷୟିକ ପ୍ରଗତି ଏବଂ ଆନ୍ତର୍ଜାତୀୟ ସମବନ୍ଧ ମଧରେ ଆମକୁ ଜଡିତ ରହିବାକୁ ପଡିବ।

-ରାଜାରାମ ଛତ୍ରିଆ, ତହସିଲଦାର ଖଣ୍ଡପଡା



“ମୁକ୍ତିର ଅର୍ଥ ଏବେ ବିଶୃଙ୍ଖଳିତ ହୋଇ ଯାଇଛି। ସ୍ୱାଧୀନତା ଉପର ଠାଉରିଆ ଭାବେ ଦେଖାଯାଉଛି। ଦେଶାତ୍ମକ ଭାବନା ମନରେ ନାହିଁ। ଯେ ପର୍ଯ୍ୟନ୍ତ ଶିକ୍ଷାରେ ସଂସ୍କାର ଆସିନାହିଁ, ସେ ପର୍ଯ୍ୟନ୍ତ ସ୍ୱାଧୀନତାର ଅର୍ଥର ମାନେ ନାହିଁ।

-ଗିରିଜା ଶଙ୍କର ତରାସିଆ, ସ୍ତମ୍ଭକାର, ଖଣ୍ଡପଡ଼ା



“ମଣିଷ ଏବେ ସ୍ୱାର୍ଥପର ହୋଇ ଯାଇଛି। ଯେଉଁଠି ଜଣେ ମଣିଷ ନିଜ ବ୍ୟତୀତ ଅନ୍ୟ କାହା କଥା ଚିନ୍ତା କରିବାକୁ ବେଳ ପାଉନି। ନକରାତ୍ମକ ଭାବନା ବୃଦ୍ଧି ପାଇଲେ ଦେଶ ଓ ଜାତି ସଙ୍କଟାପନ୍ନ ହେବ। ଏବେ ସ୍ୱାଧୀନତାର ମୂଲ୍ୟବୋଧ ହଜି ଯାଇଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଆମେ ନିଜର ସ୍ଥିତି, ଗତି ଓ ପ୍ରଗତିକୁ ଦେଖିଲେ ଆମର ସ୍ୱପ୍ନଗୁଡାକ ଚୁରମାର ହୋଇଯାଇଥିବା ପରି ଲାଗୁଛି।

-ଡ. ନନ୍ଦିତା ବାରିକ, ଅଧକ୍ଷା ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ



“ସତେ ଯେମିତି ଦେଶର ସୁଖ, ଶାନ୍ତି, ସଂସ୍କୃତି ଓ ସମୃଦ୍ଧି ପାଇଁ ଆମର ଆଉ ଆଗ୍ରହ ନାହିଁ। ଜନ୍ମଭୂମିର ମାନ-ମର୍ଯ୍ୟାଦା, ଗୌରବ-ଗାରିମା, ବିଧି-ବିଧାନ- ବିଭବ ଆଦି ପାଇଁ ଆମର କର୍ତ୍ତବ୍ୟ ନାହିଁ। ଗୋଟିଏ କଳଙ୍କି ଲଗା ମିଥ୍ୟା ଆଦର୍ଶ ଓ ମିଠା ସ୍ୱପ୍ନ ପାଖରେ ବନ୍ଧା ପଡିଛି ଆମ ସ୍ୱାଧୀନତା। ଏଭଳି ସ୍ଥିତି ଲାଗି ରହିଲେ ଭାରତୀୟ ସ୍ୱାଧୀନତା ଯେ ଆତ୍ମହତ୍ୟା କରି ବସିବ ଏଥିରେ ସନ୍ଦେହ ନାହିଁ।

-ଡ. ପବିତ୍ର ସୁବୁଦ୍ଧି, ସାହିତ୍ୟିକ ଓ ସ୍ତମ୍ଭକାର, ପଦ୍ମାବତୀ।



“ସଂପ୍ରତି ଚାରିଆଡେ ଚାଲିଛି ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ ଓ ତ୍ୟାଗ ବିହୀନ ଉପାସନା। ଆଜି ଭାରତ ବାହାରେ ଅନେକ ଜନତା ଗାନ୍ଧୀଙ୍କ ନୀତି ଆଦର୍ଶକୁ ଆପଣେଇଥିବା ବେଳେ ଆମେ ଭାରତୀୟମାନେ କିନ୍ତୁ ତାଙ୍କୁ ଭୁଲି ଯାଉଛେ। ହିଂସାକୁ ପରିତ୍ୟାଗ କରି ଅହିଂସା ଉପାୟରେ ଜାତି, ଧର୍ମ, ବର୍ଣ୍ଣ,ଲିଙ୍ଗ ପାର୍ଥକ୍ୟ ନ କରି ଦେଶମାତୃକାର ସେବାରେ ଯତ୍ନବାନ ହେବା ଜରୁରୀ ହୋଇ ପଡିଛି।

-ଉଷା ପଟ୍ଟନାୟକ, ସଭାପତି ଗଣିଆ ଉନ୍ନୟନ କମିଟି।



“୭୮ ବର୍ଷ ପରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ନିଶ୍ଚିତ ଫଳପ୍ରଦ ହୋଇଛି। ସମ୍ମାନର ସହ ବଞ୍ଚିବା, ବିଦେଶୀ ଶାସନରୁ ମୁକ୍ତି ପାଇବା, ସ୍ୱତନ୍ତ୍ରତାର ନିଃଶ୍ୱାସ ଗ୍ରହଣ କରିବା ଆଜି ସମ୍ଭବ ହୋଇଛି ଭାରତୀୟମାନଙ୍କ ମଧରେ। କିନ୍ତୁ ସାମ୍ରାଜ୍ୟବାଦରୁ ମୁକ୍ତି ସ୍ୱାଧୀନତାର କେବଳ ମୂଳଲକ୍ଷ୍ୟ ନ ହେଉ। ଶିକ୍ଷାର ଅଧିକାର, ସମାନତାର ଅଭିବୃଦ୍ଧି ଓ ସୁଯୋଗର ସୁଷମ ବଣ୍ଟନ ଉପରେ ପ୍ରତ୍ୟେକ ସଚେତନ ନାଗରିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

-ଡ. ଅଜିତ ବସନ୍ତରାୟ, ଅଧାପକ ମହିଳା ମହାବିଦ୍ୟାଳୟ,ଖଣ୍ଡପଡା।



“ରାଷ୍ଟ୍ରର ମଙ୍ଗଳ ନିମନ୍ତେ ୧୧ଟି ମୌଳିକ କର୍ତ୍ତବ୍ୟ ଜନସାଧାରଣଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏହି ୩ଟି ସାମ୍ବିଧାନିକ ବ୍ୟବସ୍ଥାର ଠିକ ପ୍ରଣୟନ ହିଁ ଜାତୀୟତା ଭାବର ପରିଚୟ ଦେଇଥାଏ। କିନ୍ତୁ ଦୁଃଖର ବିଷୟ ଅଧିକାରର ସୁରକ୍ଷା ନିମନ୍ତେ ଆମେ ଯେତେ ଯତ୍ନଶୀଳ କର୍ତ୍ତବ୍ୟ ପାଳନ ନିମନ୍ତେ ସେତିକି କର୍ମ ବିମୁଖ। ଉଭୟ ଅଧିକାର ଓ କର୍ତ୍ତବ୍ୟର ସୁରକ୍ଷା ନିମନ୍ତେ ଯତ୍ନଶୀଳ ହେଲେ ହିଁ ଆମେ ପ୍ରକୃତ ଜାତୀୟତାବାଦର ପରିଚୟ ଦେଇ ପାରିବା।

-ଲିପ୍ସା ନନ୍ଦ, ପ୍ରଧାନ ଶିକ୍ଷୟତ୍ରୀ, ଆରସି ହାଇସ୍କୁଲ, ଖଣ୍ଡପଡା।

ଉପସ୍ଥାପନା-ଅଜୟ କୁମାର ମହାରଣା,ଖଣ୍ଡପଡ଼ା।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ରଣପୁର,୧୪।୮(ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ବାଙ୍କପୁର ଗ୍ରାମ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଲୋକନାଥ ନାୟକଙ୍କ ସ୍ତ୍ରୀ ଦମୟନ୍ତୀ(୬୯)। ସେ ସକାଳୁ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ବହୁ ସମୟ ପରେ ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀକୂଳକୁ ଯାଇ ଖୋଜା ଖୋଜି କରିଥିଲେ। ହେଲେ ଦମୟନ୍ତୀଙ୍କ କୌଣସି ପତ୍ତା ମିଳି ନ ଥିଲା। ପରିବାର ଲୋକ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ସେମାନେ ପୋଖରୀରୁ ଦମୟନ୍ତୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୫) ରୁଜୁ ହୋଇଛି। ଦୟମନ୍ତୀ ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିକୁ ଖସିପଡିଥିବା ଅନୁମାନ କରାଯାଉଛି।

## ତଅପୋଇ ମେଳା ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୧୪।୮(ଅଜୟ କୁମାର ମହାରଣା)**

ଚଳିତ ବର୍ଷ ୫ ପାଳି ଖୁଦୁରୁକୁଣୀ ଓଷା ଅନୁଷ୍ଠିତ ହେବାର ବିଧି ରହିଥିବା ବେଳେ ଶେଷ ପାଳି ରବିବାର ସେପ୍ଟେମ୍ବର ୭ ତାରିଖ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ସେଦିନ ସମସ୍ତ ଦେବନୀତି ସମ୍ପୂର୍ଣ୍ଣ ବାରଣ କରାଯାଇଛି । ତେଣୁ ଆସନ୍ତା ୩୧ ତାରିଖରେ ଖୁଦୁରୁକୁଣୀ ଓଷାର ଶେଷ ପାଳି ପାଳନ କରାଯିବାର ନିଷ୍ପତ୍ତି ହୋଇଛି । ଏ ପରିପ୍ରେକ୍ଷୀରେ ଆସନ୍ତା ୩୧ ତାରିଖ ଶେଷପାଳି ଖୁଦୁରୁକୁଣୀ ଓଷା ଅବସରରେ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁ ପାଟଣା ଠିଆରସାହି ଗ୍ରାମର ଯୁବତୀ ଓ ମହିଳାମାନଙ୍କ ପକ୍ଷରୁ ତଅପୋଇ ଉତ୍ସବକୁ ମହାଆଡମ୍ବର ସହକାରେ ପାଳନ କରାଯିବାର ନିଷ୍ପତ୍ତି ହୋଇଛି । ଏହି ଅବସରରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ସୁରେନ୍ଦ୍ର କୁମାର



ବୈଠକରେ ଯୋଗଦେଇଥିବା ଯୁବତୀମାନେ।

ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ କିପରି ଶୃଙ୍ଖଳିତ ତଥା ସୁଚାରୁ ରୂପେ ସମ୍ପନ୍ନ କରାଯିବ ସେ ନେଇ ମଙ୍ଗଳବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମେ ଅନୁଷ୍ଠାନର ସଦସ୍ୟା ହରପ୍ରିୟା, ବିଷ୍ଣୁପ୍ରିୟା, ରୁବି, କିରଣୀ, ମାମାଲି, ଚାନ୍ଦ, ଝୁମା ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ପୋଲିସ ପ୍ରଶାସନର ନିର୍ଦ୍ଦେଶାନୁଯାୟୀ ବିନା ଡିଜେ ସାଉଣ୍ଡରେ ଉତ୍ସବକୁ କିପରି ସରସ ସୁନ୍ଦର କରାଯିବ ସେ ସମ୍ପର୍କରେ ମତ ରଖିଥିଲେ । ବିଶେଷ କରି ଏହି ତଅପୋଇ ଉତ୍ସବ ସହ ଖୁଦୁରୁକୁଣି ଭସାଣୀ ସମୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରିବା ପାଇଁ ସାହି ଭାଇ ତଥା ଗୁରୁଜନ ମାନଙ୍କ ସହଯୋଗ କାମନା କରାଯାଇଥିଲା ।

## ଦଶପଲ୍ଲାରେ ଅଘୋଷିତ ବିଦ୍ୟୁତ୍ କାଟ

**ଦଶପଲ୍ଲା,୧୪।୮(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଅଞ୍ଚଳରେ ଦୈନିକ ଘନଘନ ବିଦ୍ୟୁତ୍ ବିଭ୍ରାଟ ଲାଗିରହିଥିବା ବେଳେ ଗୁରୁବାର ଅପରାହ୍ନରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିଲା । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅର୍ଥାତ୍ ରାତି ୮ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବିଦ୍ୟୁତ୍ ବିଭାଗର ଏପରି ମନଇଚ୍ଛା ବିଦ୍ୟୁତ୍ କାଟ ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୁରୁବାର ଅପରାହ୍ନରୁ ବିଦ୍ୟୁତ୍ କାଟ ଯୋଗୁ ବ୍ୟବସାୟ ପ୍ରତିଷ୍ଠାନ, କଳ କାରଖାନା ଅଚଳ ହୋଇପଡିଛି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ହର ଘର୍ ତ୍ରିରଙ୍ଗା ଯାତ୍ରା

**ନୟାଗଡ଼,୧୪।୮(ଲୋକନାଥ ମିଶ୍ର)**

ନୟାଗଡ ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ସହ ବାଇକ୍ ରାଲି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଉଁଶିଆପଡ଼ା ଛକଠାରୁ ପୁରୁଣା ରାଜବାଟୀ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଯାଇଥିଲା । ଭାଜପାର ରାଷ୍ଟ୍ରୀୟ ପରିଷଦ ସଦସ୍ୟା ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ନେତୃତ୍ୱ ଆୟୋଜିତ ଏହି ଶୋଭାଯାତ୍ରାରେ ମଣ୍ଡଳ ସଭାପତି, ମଣ୍ଡଳ ପ୍ରତିନିଧି, ନେତୃବୃନ୍ଦ ଓ ମୋ ନୟାଗଡ଼ ପରିବାର ସାମିଲ ହୋଇଥିଲେ ।

## ବିଜେଡି ଉପସଭାପତିଙ୍କୁ ଭେଟିଲେ ବ୍ଲକ ବିଜେଡି ସଭାପତି

**ନୟାଗଡ଼,୧୪।୮(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ଗଡ଼ ଥିବାବେଳେ ୨୦୨୪ ନର୍ବାଚନରେ ବିଜେଡ଼ି ପରାଜିତ ହୋଇ ଭାଜପା ବିଜୟୀ ହୋଇଥିଲା। ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଚାଲିଥିବା ଦଳ ବିରୋଧୀ କାର୍ଯ୍ୟକ୍ରମରେ ଲଗାମ ଦେବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଭାପୁର ବ୍ଲକର ୧୯ ନଂ. ଜୋନର ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁଙ୍କୁ ଗତ ବୁଧବାର ଦଳରୁ ନିଲମ୍ବିତ କରାଯାଇଥିଲା। ଗୁରୁବାର ଭାପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ ଓ ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀ ଶଙ୍ଖ ଭବନରେ ବିଜୁ ଜନତା ଦଳର ବରିଷ୍ଠ ନେତା, ଦଳର ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କୁ ସାକ୍ଷାତ କରି ଖଣ୍ଡପଡ଼ାରେ ଦଳକୁ ତୃଣମୂଳସ୍ତରରେ ସଙ୍ଗଠିତ କରିବା ପାଇଁ ଆଲୋଚନା କରିଛନ୍ତି।

## ନୀଳମାଧବ ମହାବିଦ୍ୟାଳୟ ପକ୍ଷରୁ ହର୍‌ଘର୍ ତ୍ରିରଙ୍ଗା

**ଖଣ୍ଡପଡ଼ା,୧୪।୮(ଅଜୟ କୁମାର ମହାରଣା)**

ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ହର୍‌ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ମହାବିଦ୍ୟାଳୟ ଅଧକ୍ଷା ଡ.ନନ୍ଦିତା ବାରିକ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ଅଧାପିକା,ଅଧାପକ ଓ ସମସ୍ତ କର୍ମଚାରୀ ହାତରେ ଜାତୀୟ ପତାକା ଧରି ଗ୍ରାମ ପରିକ୍ରମା କରିବା ଜନସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାୟର ଜାତୀୟ ସେବା ଶିବିର ଓ ଯୁବ ରେଡ଼କ୍ରସ କର୍ମଚାରୀମାନଙ୍କ ପକ୍ଷରୁ ପରିଚାଳନା କରାଯାଇଥିଲା ।

## ରଣପୁରରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

**ରଣପୁର,୧୨।୮(ସୁକାନ୍ତ କିଶୋର ଡାକୁଆ)**

ରଣପୁର ବ୍ଲକ ଚାନ୍ଦପୁର ମଣ୍ଡଳରେ ଭାଜପା ପକ୍ଷରୁ ଗୁରୁବାର ହର୍‌ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ସଭାପତି ଅକ୍ଷୟ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା ଚମ୍ପାଗଡ଼ ଛକରୁ ବାହାରି ଚାନ୍ଦପୁର ବଜାର ପରିକ୍ରମା କରି କେରେଣ୍ଡାଟାଙ୍ଗୀ ଛକ ପର୍ଯ୍ୟନ୍ତ ଯାଇଥିଲା । ଉକ୍ତ ଶୋଭାଯାତ୍ରାରେ ୨୫୦ ବାଇକ୍‌ରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ସାମିଲ ସାମିଲ ହୋଇ ଜନସଚେନତା ସୃଷ୍ଟି କରିଥିଲେ । ଗୋପାଳପୁର ମଣ୍ଡଳରେ ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶୋଭଯାତ୍ରାରେ ୫ଶହରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ରଣପୁରର ବିଧାୟିକା ତଥା




ତ୍ରିରଙ୍ଗା ଶୋଭାଯାତ୍ରାରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟମାନେ।

ବାଚସ୍ପତି ସୁରମା ପାଢ଼ୀ ସାମିଲ ହେଇଥିଲେ । ରଣପୁର ଗ୍ରାମୀଣ ମଣ୍ଡଳରେ ମଣ୍ଡଳ ସଭାପତି ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଦର୍ପନାରାୟଣପୁର ଫାଣ୍ଡିରୁ ବାହାରି ଦର୍ପନାରାୟଣପୁର ହସ୍ପିଟାଲ ପର୍ଯ୍ୟନ୍ତ ଯାଇଥିଲା । ଶୋଭାଯାତ୍ରାରେ ବାଚସ୍ପତି ପାଢୀଙ୍କ ସହିତ ପରେଶ ମିଶ୍ର, ଜୟନ୍ତ ନାୟକ, ନିର୍ମଳ କୁମାର ମଙ୍ଗରାଜସିଂହ, ଗଣେଶ୍ୱର ମାନ୍ଧାତା, ଭାସ୍କର ନାୟକ, ଅଭିଷେକ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ ।

## ଚତୁର୍ଥ ସ୍ତମ୍ଭର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବାକୁ ପରାମର୍ଶ

■ ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ

■ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୧୪।୮(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରର ପଠାଣି ସାମନ୍ତ କଲ୍ୟାଣ ମଣ୍ଡପରେ ଉତ୍କଳ ସାମ୍ବାଦିକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ଓ ଖଣ୍ଡପଡ଼ା ସାମ୍ବାଦିକ ସଂଘର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସାମ୍ବାଦିକ ସଂଘର ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ମୁଖ୍ୟବକ୍ତା ଓ ନୟାଗଡ଼ ଜିଲା ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ଜିଲା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଖଣ୍ଡପଡ଼ା ସାମ୍ବାଦିକ ସଂଘ ଉପଦେଷ୍ଟା ଆଇନଜୀବୀ ବିକ୍ରମ କେଶରୀ ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଖବରଦାତାମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଘର ସମ୍ପାଦକ ସରୋଜ କୁମାର ଚୌଧୁରୀ ବିବରଣୀ ପାଠ କରିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଖବରଦାତାମାନେ କହିବା ସହିତ ସାମ୍ବାଦିକ ସୁରକ୍ଷା ଆଇନ, ବୟସ୍କଙ୍କୁ ପେନଶନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାକୁ ବର୍ଦ୍ଧିତ କରିବା ନେଇ ଦାବି ରଖିଥିଲେ। ବହୁ ବରିଷ୍ଠ ଖବରଦାତା ନିଜ ମଧରେ ଏକତା ଓ ଭାଇଚାରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଚତୁର୍ଥ ସ୍ତମ୍ଭର ମର୍ଯ୍ୟାଦା ଯେପରି ଅକ୍ଷୁଣ୍ଣ ରହିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଖଣ୍ଡପଡ଼ା ସହରର ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ, ବରିଷ୍ଠ ଖବରଦାତା ରବୀନ୍ଦ୍ର କୁମାର ପଟ୍ଟନାୟକ, ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ, ସାମାଜିକ କର୍ମୀ ମହେନ୍ଦ୍ର ବାରିକ ଓ ଶବ ସଂସ୍କାରକ କୈଳାସ ମହାପାତ୍ରଙ୍କୁ ଉତ୍ତରୀୟ , ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ନୟାଗଡ଼ ଜିଲା ଅଧୀନ ୮ ବ୍ଲକ୍‌ର ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକାରିଣୀ ବୈଠକରେ ବିଧାୟକ, ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦିଲୀପ



@ ବାପୁ



@ ଅଭିରାଜ



@ ସୁନନ୍ଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | ଶ୍ରୀ ରାଜକିଶୋର ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର **(୧)** ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ **(୨)** ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବାଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | ଶ୍ରୀ କପିଳ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ୰ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / ୧୨.୦୮.୨୦୨୫ | ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୪.୦୮.୨୦୨୫**

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ପୋଲିସର ନିଷ୍କ୍ରିୟତା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ, ୧୪।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଥାନା ଅଞ୍ଚଳରେ କିଛିଦିନ ହେବ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପୋଲିସର ନିଷ୍କ୍ରିୟତା ପାଇଁ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଶାସକ ଦଳ ନେତା, କର୍ମୀଙ୍କ ଆଚରଣ, ଉଚ୍ଚାରଣ ହିଁ ଅପରାଧୀଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ଆଲୋଚନା ହେଉଛି। ୮ ଦିନ ଭିତରେ ପୋଲିସ ୬ ଜଣ ଅଭିଯୁକ୍ତଙ୍କୁ ବାନ୍ଧି ଜେଲ ହାଜତକୁ ପଠାଇଛି। ନିର୍ବାଚନମଣ୍ଡଳୀର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଛାତ୍ରୀ ବ୍ଲାକ୍‌ମେଲର ଶିକାର ହୋଇ ଆତ୍ମହତ୍ୟା କରିଥିବାବେଳେ ପୋଲିସର ନିଷ୍କ୍ରିୟତାକୁ ଝିଅର ବାପା ଦାୟୀ କରିଥିଲେ। ପୋଲିସ ବ୍ଲାକ୍‌ମେଲର ଯୁବକଙ୍କୁ ଗିରଫ କରି ଜେଲକୁ ପଠାଇଛି। ସେହିପରି ରାଜନଗର ଥାନା ଅଞ୍ଚଳର ଜଣେ ଛାତ୍ରୀ ନିଜ ପିଉସା ଓ ୪ ଜଣଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଥିଲେ। ଏଥିରେ ପିଉସାଙ୍କ ସହ ୪ ଜଣଙ୍କୁ ଜେଲ ଯିବାକୁ ପଡ଼ିଛି। ମାତ୍ର ଯେଉଁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସର ଖାମଖିଆଲି ମନୋଭାବ ଯୋଗୁ ଛାତ୍ରୀ ସଙ୍ଗୀତା ପରିଡ଼ା ଅସହାୟ ହୋଇ ଜୀବନ ହାରିଲେ ତାଙ୍କ ଉପରେ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳାକୁ ନେଇ ଲୋକେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଠାରେ ୱାର୍ଡ କର୍ମୀଙ୍କଠାରୁ ଆରମ୍ଭ କରି ପଞ୍ଚାୟତ, ମଣ୍ଡଳ ଓ ବ୍ଲକ କର୍ମୀ ପର୍ଯ୍ୟନ୍ତ ସମସ୍ତେ ଜଣେ ଜଣେ ନେତା ଆଉ ମନ୍ତ୍ରୀ ପରି ବ୍ୟବହାର କରୁଛନ୍ତି। କିଛି ମାସ ତଳେ ପଟ୍ଟାମୁଣ୍ଡାଇ ବିଡିଓଙ୍କ କାର୍ଯ୍ୟାଳୟରେ ଧସ୍ତାଧସ୍ତି ହୋଇଥିବାବେଳେ ଗ୍ରାମାଞ୍ଚଳ ଥାନାର ଜଣେ ଅଧିକାରୀଙ୍କୁ ଦୁର୍ବ୍ୟବହାର କରାଯିବା ସହ ଆଇଆଇସିଙ୍କୁ ଧମକଚମକ ଦେବା ଭଳି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏ ନେଇ ପୋଲିସର ମନୋବଳ ଭାଙ୍ଗିଯିବା ସହ ସ୍ଥାଣୁ ପାଲଟି ଯିବା ନେଇ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ୮ଦିନ ଭିତରେ ରାଜନଗର ନିର୍ବାଚନମଣ୍ଡଳୀରେ ଦୁଇଜଣ ଛାତ୍ରୀ ଆତ୍ମହତ୍ୟା କରିଥିବାବେଳେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣବଳାତ୍କାରର ଶିକାର ହୋଇଛନ୍ତି। ସେଥିମଧ୍ୟରେ ପଟ୍ଟାମୁଣ୍ଡାଇ




## ବଢ଼ୁଛି ଆପରାଧିକ କାର୍ଯ୍ୟକଳାପ

## ୮ ଦିନରେ ୬ ଅଭିଯୁକ୍ତ ଗିରଫ

ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗ୍ରାମର କଲେଜ ଛାତ୍ରୀ ସଙ୍ଗୀତା ପରିଡା ଦେହରେ ପେଟ୍ରୋଲ ଢାଳି ପୋଡି ଆତ୍ମଦାହ କରିଥିଲେ। ଘଟଣା ପ୍ରାରମ୍ଭରୁ ଛାତ୍ରୀଙ୍କ ବାପା ଶଶିକାନ୍ତ ସ୍ଥାନୀୟ ପୋଲିସ ନିଷ୍କ୍ରିୟତାକୁ ଦାୟୀ କରିବା ସହ ପୁରୁଷବନ୍ଧୁ ଅଶ୍ଳୀଳ ଭିଡିଓ ପଠାଇ ଝିଅକୁ ବ୍ଲାକ୍‌ମେଲ କରିବା ଅଭିଯୋଗ ଉଠାଇଥିଲେ। ମୃତ୍ୟୁ ରହସ୍ୟ ଉନ୍ମୋଚନ ପାଇଁ ପୋଲିସ ମାମଲାର ଗୁରୁତ୍ୱ ଦୃଷ୍ଟିରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବଦଳରେ କଟକ ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଘଟଣାର ଗୋଟିଏ ସପ୍ତାହ ଭିତରେ ପୋଲିସ ଅଶ୍ଳୀଳ ଭିଡିଓ ପଠାଇଥିବା ଯୁବକଙ୍କୁ ଗିରଫ କରିଥିଲା। ସେହିପରି ରକ୍ଷାବନ୍ଧନ ଦିନ ରାଜନଗର ଥାନା ଅଞ୍ଚଳରେ ଘଟିଥିବା ଗଣବଳାତ୍କାର ଘଟଣାରେ ସୋମବାର ପୋଲିସ ସମ୍ପୃକ୍ତ ପିଉସାଙ୍କ ସହ ୪ ଜଣ ଯୁବକଙ୍କୁ ଗିରଫ କରିଥିଲା। ମଙ୍ଗଳବାର ପିଉସାଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଥିବା ବେଳେ ବୁଧବାର ରାତିରେ ଅନ୍ୟ ୪ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ କାଠିଆପଡ଼ା ଘଟଣାରେ ଗିରଫ ଯୁବକଙ୍କ ପରିବାର ଓ ଗ୍ରାମବାସୀ ଗ୍ରାମାଞ୍ଚଳ ଥାନା ଆଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ଗିରଫ ଯୁବକ ମୃତା ଛାତ୍ରୀ ଓ ଅନ୍ୟ ୨ ଜଣଙ୍କ ପାଖକୁ ୬୦ରୁ ଅଧିକ ଅଶ୍ଳୀଳ ଭିଡିଓ ପଠାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ଖୁଲାସା ହେବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଯେଉଁ ପୋଲିସ ଅଧିକାରୀ ୬ ମାସ ତଳୁ ଘଟଣା ସମ୍ପର୍କରେ ଜାଣି ତାହାର ଗୁରୁତ୍ୱକୁ ନ ବୁଝି ମୋବାଇଲ ନମ୍ବର ବଦଳ କରିବାକୁ କହିଥିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ପୋଲିସ ଉପରୁ ବ୍ଲାକ୍‌ମେଲରଙ୍କ ଭୟ ଉଠି ଯାଇଥିଲା। ସେଥିନେଇ ସେ ଅଶ୍ଳୀଳ ଫଟୋ ଓ ଭିଡିଓ ଛାତ୍ରୀଙ୍କ ସମେତ ଅନ୍ୟ ମୋବାଇଲକୁ ପଠାଇ ଚାଲିଥିଲେ। ଯଦି ପୋଲିସ ୬ ମାସ ତଳୁ ବ୍ଲାକ୍‌ମେଲର ଉପରେ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା ହୁଏତ ନିରୀହ ଛାତ୍ରୀଙ୍କ ଜୀବନ ବଞ୍ଚି ଯାଇଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦିଲ୍ଲିପ


@ ବାପୁ


@ ଅଭିରାଜ


@ ସୁନନ୍ଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ଦାବି


ଭାଜପା ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ଏନ୍‌ଏସି ଗଠନ ପାଇଁ ଦାବିପତ୍ର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରୁଛନ୍ତି।

ପାଟକୁରା, ୧୪।୮ (ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଲ, କୋଠୁଆ-କଳାକୁଦା ଓ ମାର୍ଶାଘାଇ ଅଞ୍ଚଳକୁ ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଗଠନ ପାଇଁ ଦାବି କରିଛନ୍ତି ଭାଜପା ରାଜ୍ୟ ପ୍ରବକ୍ତା ଓ ସୋସିଆଲ ମିଡିଆ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ। ବୁଧବାର ଲୋକସେବା ଭବନଠାରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ସେ ଦାବି ଉପସ୍ଥାପନ କରିଛନ୍ତି। ଯେଉଁସବୁ ଅଞ୍ଚଳରେ ଏନ୍‌ଏସି ଗଠନ ପାଇଁ ଦାବି ହୋଇଛି ସେସବୁ ଅଞ୍ଚଳରେ ୨୨ ହଜାରରୁ ଅଧିକ ଲୋକ ବସବାସ କରୁଥିବାବେଳେ ଚାଷ, ପନିପରିବା ଓ ଗୁଡ଼ ଜାତୀୟ ଦ୍ରବ୍ୟ ଉତ୍ପାଦନ ଅଧିକ ହେଉଛି। ସେଠାରେ ଅନେକ ମହାବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ମଧ୍ୟ ଅଛି। ମାର୍ଶାଘାଇ ବ୍ଲକ ସଦର ମହକୁମା ଅଟେ। ବର୍ତ୍ତମାନ ଉକ୍ତ ସମସ୍ତ ଅଞ୍ଚଳବାସୀ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି। ଜଳ ନିଷ୍କାସନ ଓ ସ୍ୱେରେଜ ବ୍ୟବସ୍ଥା ଠିକ୍ ନ ଥିବା ବେଳେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ହୋଇପାରୁନାହିଁ। ସେହିପରି ରାସ୍ତାରେ ଆଲୋକୀକରଣ ଓ ଉତ୍ତମ ଗମନାଗମନର ବ୍ୟବସ୍ଥା ଠିକ୍ ଭାବେ ନାହିଁ। ତେଣୁ ଏସବୁ ସମସ୍ୟାର ସମାଧାନ ସହ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳରେ ଏନ୍‌ଏସି ଗଠନର ଆବଶ୍ୟକତା ରହିଛି। ଯାହାକି ସେ ଅଞ୍ଚଳର ବିକାଶ ସହିତ ସେମାନଙ୍କ ଜୀବନଶୈଳୀର ମାନଦଣ୍ଡ ବୃଦ୍ଧିରେ ସହାୟକ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ମନ୍ତ୍ରୀ ଏହି ଦାବିପତ୍ର ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଉମାକାନ୍ତ କହିଛନ୍ତି।

# ପାଣି ସମସ୍ୟା ନେଇ ଗ୍ରାମବାସୀଙ୍କ ରାସ୍ତାରୋକୋ



ପାଣି ପାଇଁ ଗୋପାଳପୁର, କଅଁରପୁର ଗାଁର ଲୋକେ କଟକ- ଚାନ୍ଦବାଲି ରାସ୍ତାରୋକୋ କରିଛନ୍ତି।

## ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ହଟିଲା

ଆଳି,୧୪।୮ (ବନମାଳୀ ସେନାପତି)

ଆଳି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଗୋପାଳପୁର ଓ କଅଁରପୁର ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ଗୁରୁବାର ସକାଳେ ଗ୍ରାମବାସୀ କଟକ-ଚାନ୍ଦବାଲି ରାସ୍ତାରୋକୋ କରିଥିଲେ। ପ୍ରଶାସନର ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ନରେନ୍ଦ୍ରପୁର ପଞ୍ଚାୟତର ଗୋପାଳପୁର ଓ କଅଁରପୁର ଗ୍ରାମରେ ପ୍ରାୟ ୨ ହଜାର ଲୋକ ବସବାସ କରନ୍ତି। ଏହି ଲୋକମାନଙ୍କ ବ୍ୟବହାର ନିମନ୍ତେ ଥିବା ନଳକୂଅରୁ ଦୀର୍ଘଦିନ ହେବ ଲୁହାଗୁଣ୍ଡ ମିଶା ପାଣି ବାହାରୁଛି। ଏ ନେଇ ଗ୍ରାମବାସୀ ଆଳି ବ୍ଲକ ପ୍ରଶାସନ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମସ୍ୟା ସମାଧାନ ହେଲାନାହିଁ। ଏପରିକି ଦୂଷିତ ପାଣି ପିଇ ଗ୍ରାମରେ ଥିବା ଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ବିଦ୍ୟାଳୟରେ ପହଞ୍ଚି ଜଣ୍ଡିସ ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ବିଭିନ୍ନ ନଳକୂଅର ପାଣି ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଛନ୍ତି। ତାହାର କୌଣସି ରିପୋର୍ଟ ଆସି ନ ଥିବା ବେଳେ ପାଣି ସମସ୍ୟାକୁ ନେଇ ଗୁରୁବାର କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ପତ୍ରପୁର ସେତୁ ନିକଟରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଖବରପାଇ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଇଆଇସି ଧୀରଜ କୁମାର ଲେଙ୍କା ପହଞ୍ଚି ରାସ୍ତାରୋକୋରେ ବସିଥିବା ଲୋକମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ହଟି ଥିଲା। ତହସିଲଦାର ମିଶ୍ର କହିଛନ୍ତି, ପାଣି ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହାକୁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ। ଖୁବ୍‌ଶୀଘ୍ର କିପରି ଏହି ସମସ୍ୟା ସମାଧାନ କରାଯିବ ସେ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ।

# ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ରାଜକନିକା/ ଆଳି/ରାଜନଗର,୧୪।୮
(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ/
ବନମାଳୀ ସେନାପତି/ ଭାସ୍କର ରାଉତରାୟ)

ରାଜକନିକା ବ୍ଲକ ୨୭ ନଂ. ଓ ୨୮ନଂ. ଜୋନ୍‌ରେ ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ୨୭ନଂ. ଜୋନ ଖଣ୍ଡିଆଠାରୁ ବାହାରି ୨୮ନଂ. ଜୋନ ଓଳାଭରଠାରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରା ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ, ସଂଯୋଜକ ଶୁଭ୍ରଜିତ ବିଶ୍ୱାଳ, ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, କିଶୋର ପଣ୍ଡା, ପ୍ରକାଶ ନାୟକ ପ୍ରମୁଖ ଶତାଧିକ ନେତା ଓ କର୍ମୀ ସାମିଲ ହୋଇଥିଲେ। ଆଳିରେ ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଶୋଭାଯାତ୍ରା ନିଆଳ ହାଟ ନିକଟସ୍ଥ ସ୍ୱାଧୀନତା ସଂଗ୍ରାମୀ ସହଦେବ ଦାସଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ନିଆଳ, ଗଡଡ଼ପାଟଣା ଗ୍ରାମ ମଧ୍ୟଦେଇ ଆଳି ବଜାର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଅନନ୍ତ ରଥ, ଭକ୍ତବନ୍ଧୁ ମିଶ୍ର, ମଣ୍ଡଳ ସଭାପତି ତପନ ପରିଡ଼ା, ଅବସରପ୍ରାପ୍ତ ମେଜର ବୈଦ୍ୟନାଥ ମହାନ୍ତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବୁଜ ବିହାରୀ ଦାଶଙ୍କ ସମେତ ଶତାଧିକ ଲୋକ ସାମିଲ ଥିଲେ। ରାଜନଗର ବ୍ଲକ ୩୦ ନଂ. ଜୋନ ଭାଜପା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସାନବଡ଼ ଗୋପାଳପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରୁ ଭାଜପା ନେତା ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ବାହାରି ତ୍ରିନାଥ ବଜାର, ରାଜନଗର ବଜାର ପରିକ୍ରମା କରି ରାଜନଗର ଶ୍ରୀଦଧିବାମନଜୀଉ ମନ୍ଦିର ଯାଏ ଯାଇଥିଲା। ଏଥିରେ ଶତାଧିକ ଦଳୀୟ ମହିଳା ଓ ପୁରୁଷ କର୍ମୀ ଏବଂ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।


ଆଳିରେ ଭାଜପା ପକ୍ଷରୁ ବାହାରିଥିବା ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା।

# ଭୋଟ ଚୋର ଗାଦି ଛାଡ଼ ଦାବିରେ କଂଗ୍ରେସର ମଶାଲ ଶୋଭାଯାତ୍ରା

ଜଗତ୍‌ସିଂହପୁର, ୧୪।୮ (ପ୍ରମୋଦ କୁମାର ନାୟକ)

ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜସ୍ୱ ଅନୁସନ୍ଧାନରେ ଭୋଟ ଚୋରିର ପର୍ଦ୍ଦାଫାଶ କରିଛନ୍ତି। ସେ ଏହି ଚୋରି ସମ୍ପର୍କରେ ୫ କୌଶଳକୁ ଲୋକ ଲୋଚନକୁ ଆଣିଛନ୍ତି। ରାହୁଲ ଦେଶବାସୀଙ୍କୁ ଏ ସମ୍ପର୍କରେ ଅବଗତ କରିବା ସହ ଭୋଟ ଚୋରିକୁ ରୋକିବା ପାଇଁ ପ୍ରତ୍ୟେକ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଏହି ବାର୍ତ୍ତାକୁ ସର୍ବସାଧାରଣରେ ପହଞ୍ଚାଇ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ନିଷ୍ପତ୍ତି ଓ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି (ଡିସିସି) ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ସହରରେ ମଶାଲ ଶୋଭାଯାତ୍ରା କରାଯାଇଥିଲା।

ଏଥିରେ ଭୋଟ ଚୋର ଗାଦି ଛାଡ଼ ସ୍ଲୋଗାନ ଦେଇ ଦଳୀୟ ନେତା ଓ କର୍ମୀମାନେ ସ୍ଥାନୀୟ ଗାନ୍ଧି ଛକରୁ ବାହାରି ୧୦ ନମ୍ବର ପର୍ଯ୍ୟନ୍ତ ଯାଇଥିଲେ। ଡିସିସି ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ମୋଦି ସରକାର ଓ ଭାରତୀୟ ନିର୍ବାଚନ କମିଶନରଙ୍କ ବିରୋଧରେ ନାରାବାଜି କରାଯାଇଥିଲା। ଏଥିସହ ଗଣତନ୍ତ୍ର ବଞ୍ଚାଅ ମହାସଂଗ୍ରାମରେ ସାମିଲହେବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପାରାଦୀପ ନଗର କଂଗ୍ରେସ କମିଟି ପୂର୍ବତନ ସଭାପତି କେଦାର ବିଶ୍ୱାଳ, ବାଲିକୁଦା ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନଳିନୀ କୁମାର ସ୍ୱାଇଁ, ବାଲିକୁଦା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ବିକ୍ରମ ପରିଡ଼ା, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସ ଯୁବ ଶାଖାର ଜିଲା ସଭାପତି ବେଦଦ୍ୟୁତି ପୃଷ୍ଟି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଲେଇ, ଜିଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ଜଗତ୍‌ସିଂହପୁର ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଭୟ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ମାନସ କୁମାର ରଥ, ଜିଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡା. ଜଗଦାନନ୍ଦ ବେହେରା, ଜିଲା ସଂଖ୍ୟାଲଘୁ ସେଲ୍‌ର ସଭାପତି ଇମତିଆଜ ଅହମ୍ମଦ ଖାନ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱଜିତ ପୋଥାଳ ଓ ଦିଲୀପ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ।



ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀମାନେ।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧୬, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ରାଜକିଶୋର ପ୍ରଧାନ,** ପିତା: ଦାମୋଦର ପ୍ରଧାନ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ କାହ୍ନୁ ଚରଣ ପ୍ରଧାନ,** ପିତା: ଦାମୋଦର ପ୍ରଧାନ, ଉଭୟଙ୍କ ଠିକଣା- ସା: ବଡଅଁଳ, ପୋ: ପାରିକୁଦ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ | ଟ.୫,୯୮,୯୦୪.୬୩ + ସେବାବଦ ସୁଧ | ୦୮.୦୫.୨୦୨୫ / ୧୩.୦୮.୨୦୨୫ | ଶ୍ରୀ ରାଜକିଶୋର ପ୍ରଧାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର (୧) ଖାତା ନଂ.: ୪୪୦/୨୯୧, ପ୍ଲଟ୍ ନଂ.: ୧୨୨୭/୨୧୫୨, କ୍ଷେତ୍ର: ଏକର ୦.୦୨୫ ଡିସିମିଲି ଯାହା ୧୦୮୯ ବର୍ଗଫୁଟ, କିସମ: ଘରବାରୀ ଏବଂ (୨) ଖାତା ନଂ.: ୪୪୦/୫୮୨, ପ୍ଲଟ୍ ନଂ.: ୧୨୨୭/୨୪୪୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି ଯାହା ୬୫୩ ବର୍ଗଫୁଟ, ସମୁଦାୟ ୨ଟି ଖାତା ଏବଂ ୨ ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୪୦ ଡିସିମିଲି ଯାହା ୧୭୪୨ ବର୍ଗଫୁଟ, କିସମ: ଘରବାରୀ, ମୌଜା: ମାଲୁଦଖାସ, ଥାନା/ତହସିଲ: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ, ଓଡ଼ିଶା |
| **ଓମ୍‌ଫେଡ୍ ସ୍କୋୟାର ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା,** ପିତା: ଶ୍ରୀ ସାମ୍ବାଶିବ ରାଓ କାଣ୍ଡିକୁପ୍ପା / **କୋ-ଆପ୍ଲିକାଣ୍ଟ /ବନ୍ଧକଦାତା: ଶ୍ରୀମତୀ ସୁନିତା କାଣ୍ଡିକୁପ୍ପା,** ସ୍ୱାମୀ: ଶ୍ରୀ ସୁନିଲ୍ କୁମାର କାଣ୍ଡିକୁପ୍ପା, ଉଭୟଙ୍କ ଠିକଣା- ସା: ଫ୍ଲାଟ୍ ନଂ.: କେ-୪୦୨, ବ୍ଲକ୍-ବି, ସାଇ ପ୍ରିମିୟମ୍ ଆପାର୍ଟମେଣ୍ଟ, ଡମଣା ହାଟ ନିକଟ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧ | ଟ.୫୮,୯୫,୭୭୧.୫୯ + ସେବାବଦ ସୁଧ | ୨୧.୦୫.୨୦୨୫/ ୧୨.୦୮.୨୦୨୫ | ଖାଲି ଥିବା ପ୍ଲଟ୍/ଜମି ଯାହାର ଖାତା ନଂ.: ୬୧୯/୧୬୮୬, ପ୍ଲଟ୍ ନଂ.: ୪/୬୮୫୫, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧ ଚନ୍ଦ୍ରଶେଖରପୁର, ତହସିଲ: ଭୁବନେଶ୍ୱର (ନଂ.:୨୫୯), ଥାନା: ନିଉ କ୍ୟାପିଟାଲ୍ (ନଂ.:୨୩), ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୧୦୨୧, **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୫୭ ଡିସିମିଲି (୨୪୫୭ ବର୍ଗଫୁଟ),** ଅନୁରୂପ ଜି.ଏ ପ୍ଲଟ୍ ନଂ.: ୫୭୮, ଡ୍ରଇଂ ନଂ.: ବି/୧୩୨, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୫୭୯, ଦକ୍ଷିଣ: ପ୍ଲଟ୍ ନଂ.: ୫୭୭, ପୂର୍ବ: ପ୍ଲଟ୍ ନଂ.: ୫୬୧, ପଶ୍ଚିମ: ରାସ୍ତା |
| **ପୁବାଶାସନ ଶାଖା /** **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ବେହେରା,** ପିତା: ରବି ନାରାୟଣ ବେହେରା / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ କପିଳ ବେହେରା,** ପିତା: ରବି ନାରାୟଣ ବେହେରା, ଉଭୟଙ୍କ ଠିକଣା- ସା: ଧାନପୁର, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ | ଟ.୧୩,୮୯,୧୩୫.୦୧ + ସେବାବଦ ସୁଧ | ୩୦.୦୪.୨୦୨୫ / ୧୨.୦୮.୨୦୨୫ | **ଶ୍ରୀ କପିଳ ବେହେରାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭/୩୨୯, ଖାତା ନଂ.: ୧୦୧/୧୧୦, କ୍ଷେତ୍ର: ଏକର ୦.୦୭୦ ଡିସିମିଲି, ମୌଜା: ଧାନପୁର, ପୋ: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା |
| **ଖୋର୍ଦ୍ଧା ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ,** ପିତା: ଚୈତନ୍ୟ ସାହୁ, **୨) ଶ୍ରୀମତୀ ଉମାରାଣୀ ସାହୁ (ବନ୍ଧକଦାତା),** ସ୍ୱାମୀ: ଚୈତନ୍ୟ ସାହୁ, **୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା),** ପିତା: ଵ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିତୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କସ୍ମୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ଟ.୧୧,୪୨,୮୯୬.୫୭ + ସେବାବଦ ସୁଧ | ୨୨.୦୫.୨୦୨୫ / ୧୨.୦୮.୨୦୨୫ | **ଶ୍ରୀମତୀ ଉମାରାଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ତହସିଲ/ଥାନା/ମୌଜା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ |

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୪.୦୮.୨୦୨୫**

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଗାଡ଼ି ଧକ୍କାରେ ୧୦ ଗୋରୁ ମୃତ

କଳିଙ୍ଗନଗର,୧୪।୮(ଶୁଭାଶିଷ ରାଉତ): ଯଖପୁରା ଥାନା ପଙ୍କପାଳ ନିକଟରେ ଗୁରୁବାର ଅଜଣା ଗାଡ଼ି ଧକ୍କାରେ ୧୦ ଗୋରୁଙ୍କ ମୃତ୍ୟୁ ହୋଇଛି। ପଙ୍କପାଳ ଗ୍ରାମ ରାସ୍ତାରେ ଗୋରୁଗୁଡ଼ିକ ବିଚରଣ କରୁଥିଲେ। ଏହି ସମୟରେ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଯଖପୁରା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ସଫଲ ଖାଇବାକୁ କେନ୍ଦ୍ରକରି ୨ ପରିବାରରେ ଗଣ୍ଡଗୋଳ

**ଯାଜପୁର ଟାଉନ,୧୪।୮ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

ସଫଲ ଖାଇବାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଉଭୟ ପରିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବାପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଏନେଇ ଯାଜପୁର ସଦର ଥାନାରେ ୨ଟି ପୃଥକ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ଯମୁନା ଗ୍ରାମର ମଞ୍ଜୁଲତା ଦଳେଇଙ୍କ ପୁଅ ମନୋଜ ଦଳେଇ ଗତ ବୁଧବାର ସନ୍ଧ୍ୟାରେ ପାଖ ପାନ ଦୋକାନକୁ ସଫଲ ଖାଇବାକୁ ଯାଇଥିଲେ। ସେଠାରେ ପାନ ଦୋକାନୀଙ୍କ ସହ ଗେଲ ହେବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ପାଟିତୁଣ୍ଡ ହୋଇଥିଲା। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୧୨ଟାରେ ଯମୁନା ଗ୍ରାମର ଅଶୋକ ଦଳେଇ, ବବୁଲ ଦଳେଇ, ତପନ ଦଳେଇ, ନାରଣ ଦଳେଇ, ତୋଫାନ ଦଳେଇ, ଚନ୍ଦନ ଦଳେଇ, ମୃଷା ଦଳେଇ ପ୍ରମୁଖ ସଂଘବଦ୍ଧ ହୋଇ ମଞ୍ଜୁଲତାଙ୍କ ଘରେ ପଶି ଠେଙ୍ଗା ଓ କଟୁରୀ ସାହାଯ୍ୟରେ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏନେଇ ମଞ୍ଜୁଲତା ଯାଜପୁରସଦର ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୭୧/୨୫ରେ ଏକ ମାମଲା ରୁଜୁ କରିଛି। ଅପରପକ୍ଷରେ ଅନିତା ଦଳେଇ ମଞ୍ଜୁଲତାଙ୍କ ପରିବାର ଲୋକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୨୭୨/୨୫ରେ ମାମଲା ରୁଜୁ ହୋଇଛି।

# ଆଉଟସୋର୍ସିଂ ନିଯୁକ୍ତି ଉଚ୍ଛେଦ ନିର୍ଦ୍ଦେଶକୁ ଅଣଦେଖା

**ଯାଜପୁର,୧୪।୮ (ହର୍ଷବର୍ଦ୍ଧନ ବେହେରା) :**

## ଆର୍ ଆଣ୍ଡ ବି ବିଭାଗରେ ଇଣ୍ଟରଭ୍ୟୁ ପାଇଁ ନୋଟିସ

ରାଜ୍ୟରେ ଆଉଟସୋର୍ସିଂ ତଥା ଠିକାସଂସ୍ଥା ଜରିଆରେ ସିଧାସଳଖ ନୂଆ ନିଯୁକ୍ତି ଦିଆଯିବ ନାହିଁ ବୋଲି ୨୪।୭।୨୦୨୫ରେ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ହେଲେ ଏହି ନିର୍ଦ୍ଦେଶକୁ ରାଜ୍ୟ ସରକାରଙ୍କ ରାସ୍ତା ଓ କୋଠାବାଡ଼ି (ଆର ଏଣ୍ଡ ବି) ବିଭାଗର ନିର୍ମାଣ ସୌଧ ଇଞ୍ଜିନିୟର-ଇନ୍-ଚିଫ୍(ଇଆଇସି-ସିଭିଲ) ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରିଛନ୍ତି। ଇଆଇସି(ସିଭିଲ-କମ୍-ରୋଡ) ସତ୍ୟବ୍ରତ ବେହେରା ତାଙ୍କ ପତ୍ରସଂଖ୍ୟା ୩୧୬୧୦/୧୨।୮।୨୦୨୫ରେ ଠିକାସଂସ୍ଥା ବିଭିଜି ଇଣ୍ଡିଆ ଲିଃ ଦ୍ୱାରା ୧୪ ଜଣ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଓ ଅଫିସ ଆଟେଣ୍ଡେଣ୍ଟଙ୍କୁ ଆଉଟସୋର୍ସିଂ ଭାବେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାବାଦ୍ ଆର୍ ଏଣ୍ଡ ବି ୱିଙ୍ଗ୍, ପ୍ଲାନିଂ ଏଣ୍ଡ ଆସେସ ମ୍ୟାନେଜମେଣ୍ଟ ସେଲ, ଷ୍ଟେଟ ପ୍ରୋକ୍ୟୁରମେଣ୍ଟ ସେଲ, ଡାଇରେକ୍ଟର ଅଫ୍ ଡିଜାଇନ, ବ୍ରିଜ, ବିଲ୍ଡିଂ ଓ ରୋଡ ୱିଙ୍ଗ୍ ଗୁଡିକରେ ଆଉସୋର୍ସିଂ କର୍ମଚାରୀ ନିଯୁକ୍ତି ହେବେ। ଏଥିପାଇଁ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ନିର୍ମାଣ ସୌଧ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଶାୟୀ ପ୍ରାର୍ଥୀମାନଙ୍କ ଇଣ୍ଟରଭ୍ୟୁ ନେବାକୁ ବିଭାଗୀୟ ଇଆଇସି(ଡିପିଓ) ଓ ଚିଫ୍ ଇଞ୍ଜିନିୟରମାନଙ୍କୁ ସୂଚିତ କରିଛନ୍ତି। ଉକ୍ତ ଇଣ୍ଟରଭ୍ୟୁ ପ୍ରକ୍ରିୟାକୁ ଠିକାସଂସ୍ଥା ବିଭିଜି ଇଣ୍ଡିଆ ଲିଃର ସିନିୟର ମେମ୍ବର, ବିଭାଗୀୟ ଜଣେ ଇଞ୍ଜିନିୟର ଏବଂ ଠିକାସଂସ୍ଥାର ଜଣେ ବିଶେଷଜ୍ଞ ପରିଚାଳନା କରିବେ। ତେବେ କେଉଁ ବିଭାଗର କର୍ମଚାରୀ ଓ ଶ୍ରମିକମାନଙ୍କୁ କେତେ ଟଙ୍କା ଦରମା ଦିଆଯିବ ସେ ନେଇ କୌଣସି ତଥ୍ୟ ଉଲ୍ଲେଖ କରାଯାଇ ନାହିଁ। ରାଜ୍ୟ ସରକାରଙ୍କ ଆଉସସୋର୍ସିଂ ନିଯୁକ୍ତି ଆଉ ହେବନି ନିଷ୍ପତ୍ତିକୁ ଏହି ବିଭାଗ କାହିଁକି ମାନୁ ନାହାନ୍ତି ସେ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ଏହା ପୂର୍ବରୁ ଆର୍ ଏଣ୍ଡ ବି ବିଭାଗର ବିଭିନ୍ନ କ୍ଷେତ୍ରରେ ଶତାଧିକ ଠିକା ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ସେହି ଠିକା ଶ୍ରମିକ ଓ କର୍ମଚାରୀମାନେ ବିଭିନ୍ନ ସମୟରେ ଶୋଷିତ ହେଉଥିବା ଅଭିଯୋଗ ହୋଇଆସୁଛି। ନିର୍ଦ୍ଧାରିତ ଦରମା ସେମାନେ ପାଉ ନ ଥିବାବେଳେ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ଠିକା ଶ୍ରମିକ ଓ କର୍ମଚାରୀମାନଙ୍କ ଅଭିଯୋଗକୁ ଭିତ୍ତି କରି ବର୍ତ୍ତମାନର ସରକାର ନୂତନ ଠିକା ନିଯୁକ୍ତି ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଆଉ କେହି ଠିକା ନିଯୁକ୍ତି ହେବେ ନାହିଁ ବୋଲି ପୂର୍ବ ସରକାରଙ୍କ ପକ୍ଷରୁ ୨୦୨୩ ଜୁନ୍‌ରେ ଘୋଷଣା ହୋଇଥିଲା।

ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ଜିଲା କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ କମ୍ପଲସରି ନୋଟିଫିକେଶନ ଅଫ୍ ଭେକେନ୍ସି ଆକ୍ଟ ଅନୁଯାୟୀ ପ୍ରକ୍ରିୟା ହେବା କଥା। କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ ନିଜର ସ୍ୱାର୍ଥସାଧନ ପାଇଁ କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ ପଞ୍ଜୀକୃତ ଶିକ୍ଷିତ ଯୁବତୀଯୁବକଙ୍କୁ ଚୟନ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। କେବଳ ଶିଳ୍ପ ସଂସ୍ଥା ନୁହେଁ ବରଂ ସରକାରୀ ସଂସ୍ଥା ମଧ୍ୟ କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କୁ ଅଣଦେଖା କରି ଚାଲିଛନ୍ତି। ଏପରିକି କେତେଜଣ ଅଣ ଓଡ଼ିଆ ଠିକାସଂସ୍ଥା ଓଡ଼ିଆ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ନ ଦେଇ ଅଣଓଡ଼ିଆଙ୍କୁ ନିଯୁକ୍ତି ଦେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି।

# ଗୃହରକ୍ଷୀ ପଦବୀ ପାଇଁ ୧୭ରେ ଲିଖିତ ପରୀକ୍ଷା

## ୫ କେନ୍ଦ୍ରରେ ପରୀକ୍ଷା ଦେବେ ୬୮୯୮ ପରୀକ୍ଷାର୍ଥୀ

**ପାଣିକୋଇଲି,୧୪।୮ (ବିକାଶ ମଲ୍ଲିକ):**

ଯାଜପୁର ଜିଲା ଗୃହରକ୍ଷୀ ପଦବୀ ପାଇଁ ଆସନ୍ତା ୧୭ ତାରିଖରେ ଲିଖିତ ପରୀକ୍ଷା ହେବ। ଏଥିନିମନ୍ତେ ଜିଲାରେ ୫ଟି କେନ୍ଦ୍ର କରାଯାଇଛି। ଏହିକେନ୍ଦ୍ରରେ ୬୮୯୮ ପ୍ରାର୍ଥୀ ପରୀକ୍ଷା ଦେବେ। ଯାଜପୁର ଏନସି କଲେଜରେ ଯାଜପୁର ଥାନାର ୪୭୯, ଯାଜପୁର ସଦର ଥାନାର ୫୭୮, କୁଆଖିଆ ଥାନାର ୬୦୦, ବରୀ ଥାନାର ୪୮୧, ମଙ୍ଗଳପୁର ଥାନାର ୧୯୪ଜଣ ପରୀକ୍ଷା ଦେବେ। ବରୁଣେଶ୍ୱର ମହାବିଦ୍ୟାଳୟରେ ବିଞ୍ଝାରପୁର ଥାନାର ୩୯୨, ଅଳକୁଣ୍ଡ ଥାନାର ୧୫୯, ଦଶରଥପୁର ଥାନାର ୨୦୯ଜଣ ପରୀକ୍ଷା ଦେବେ। ବ୍ୟାସନଗର ସ୍ୱୟଂସାଶିତ ମହାବିଦ୍ୟାଳୟରେ ଯାଜପୁରରୋଡ ଥାନାର ୨୨୧, କୋରେଇ ଥାନାର ୪୮୯, ପାଣିକୋଇଲି ଥାନାର ୩୭୫, କଳିଙ୍ଗନଗର ଥାନାର ୨୯୩, ସୁକିନ୍ଦା ଥାନାର ୨୯୩, ଯଖପୁରା ଥାନାର ୨୦, ଟମକା ଥାନାର ୧୮୧, କାଳିଆପାଣି ଥାନାର ୧୨୭ଜଣ ପରୀକ୍ଷା ଦେବେ। ବିବି ସ୍ୱୟଂସାଶିତ ମହାବିଦ୍ୟାଳୟ ଚଣ୍ଡିଖୋଲଠାରେ ଧର୍ମଶାଳା ଥାନାର ୫୦୭, ଜେନାପୁର ଥାନାରେ ୩୪୧, ବାଲିଚନ୍ଦ୍ରପୁର ଥାନାର ୧୯୧ଜଣ ମୋଟ ୧୨୩୦ ଜଣ ପରୀକ୍ଷା ଦେବେ। ସରକାରୀ ହାଇସ୍କୁଲ ଚଣ୍ଡିଖୋଲଠାରେ ବଡ଼ଚଣା ଥାନାର ୨୯, ବୈରୀ ଥାନାର ୧୨୭, ବ୍ରହ୍ମବରଦା ଥାନାର ୧୪୧ ଜଣ ପରୀକ୍ଷା ଦେବାକୁ ସ୍ଥିର କରାଯାଇଛି। ୧୧୨ ପଦବୀ ପାଇଁ ମୋଟ ୮,୪୭୨ ଜଣ ଆବେଦନ କରିଥିଲେ। ଯାଞ୍ଚରେ ୧୫୭୪ କଟି ଯାଇଥିଲେ।




# ମହାବିଦ୍ୟାଳୟରେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ଯାଜପୁରରୋଡ୍,୧୪।୮ (ପବିତ୍ର ରଞ୍ଜନ ମହାନ୍ତି):**



ମହାବିଦ୍ୟାଳୟ ଛାତ୍ରୀଛାତ୍ର ୭ ବୃତ୍ତାକାର ଆକୃତିରେ ଛିଡ଼ା ହୋଇଛନ୍ତି।

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଜାତୀୟ ପତାକା ଧରି ୭ ବୃତ୍ତାକାର ଆକୃତିରେ ମହାବିଦ୍ୟାଳୟ ଖେଳ ପଡିଆ ମଧ୍ୟରେ ଛିଡ଼ା ହୋଇ ଏକ ସୁଦୃଶ୍ୟ ପ୍ରତିକୃତି ସୃଷ୍ଟି କରିଥିଲେ। ବୃତ୍ତାକାର ପରିଧି ମଧ୍ୟ ସ୍ଥଳରେ ଅଧ୍ୟକ୍ଷ ଶରତ ମଲ୍ଲିକ ଉଦ୍‌ବୋଧନ ଦେଇଥିଲେ। ଏନସିସି ଅଫିସର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସହିତ ସମସ୍ତେ ଜାତୀୟତାର ନାରା ଦେଇଥିଲେ। ପରେ ସାଇକେଲ ରାଲିର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ମଲ୍ଲିକ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏନସିସି ଅଫିସର ସ୍ୱାଇଁ, ସିଟିଓ ଶଶିକାନ୍ତ ଲେଙ୍କା, ଅଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ସାହୁ, ତନ୍ମୟ ପୃଷ୍ଟି ପ୍ରମୁଖଙ୍କ ନେତୃତ୍ୱରେ ରାଲି ମହାବିଦ୍ୟାଳୟ ପରିସରରୁ ବାହାରି କୁସୁନପୁର ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ଅପରେଶନ ସିନ୍ଦୂର' ଶୀର୍ଷକ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବସ୍‌ଷ୍ଟାଣ୍ଡ ଫଳକ ଭାଙ୍ଗିଲେ କଂଗ୍ରେସ କର୍ମୀ

**ଦଶରଥପୁର,୧୪।୮ (ସୁଶାନ୍ତ ବେହୁରିଆ):** ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ଆମ ବସଷ୍ଟାଣ୍ଡରେ ମଙ୍ଗଳପୁର ବସଷ୍ଟାଣ୍ଡ ପରିବର୍ତ୍ତେ ଦଶରଥପୁର ବସଷ୍ଟାଣ୍ଡ ଲେଖାଯାଇଛି। ଅଞ୍ଚଳବାସୀ ସଂଶୋଧନ କରିବାକୁ ଠିକା ସଂସ୍ଥାକୁ ଅବଗତ କରିଥିଲେ। ମାତ୍ର ବିଭାଗୀୟ ଅଧିକାରୀ କିମ୍ବା ଠିକା ସଂସ୍ଥା ଶୁଣି ନ ଥିଲେ। ଫଳରେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ କଂଗ୍ରେସ କର୍ମୀ ଆସି ବସ୍‌ଷ୍ଟାଣ୍ଡ ନାମ ଫଳକଙ୍କୁ ଭାଙ୍ଗିଦେଇଛନ୍ତି। ବସଷ୍ଟାଣ୍ଡର ନାମ ମଙ୍ଗଳପୁର ବସଷ୍ଟାଣ୍ଡ-ଦଶରଥପୁର ବ୍ଲକ ଲେଖିବାକୁ ଦାବି ହୋଇଛି।

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିକି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଲଝରି/ବରହରୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାକୁଡିହ/ରାଜଗ୍ରାମ/ପିନାରଗାରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାତିଆ-ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ କୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ହାତିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ କୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍-I= ୪୭୯, ଟାଇପ୍-II= ୪୫୬, ଟାଇପ୍-III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦ । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ) । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । (PR-524)









**ଅଙ୍ଗଦାନ କରିଥିବା ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା**

ନୟାଗଡ଼,(ଲୋକନାଥ ମିଶ୍ର): ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ କରିଥିବା ପରିବାରଙ୍କୁ ବୁଧବାର ବିଶ୍ୱ ଅଙ୍ଗଦାନ ଦିବସରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁରଜ ଆୱାର୍ଡରେ ଆର୍ଥିକ ପ୍ରୋତ୍ସାହନ ରାଶି ୫ଲକ୍ଷ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପ୍ରଦାନ କରାଯାଇଛି । ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ଓସୱାନ ଭିଡିଓ ସମ୍ମିଳନୀ କକ୍ଷରେ ସିଡିଏମ୍ଓ ସୁଶାନ୍ତ କୁମାର ଦାସ, ଡେପୁଟି କଲେକ୍ଟର ତପତି ରାଜ, ଡିପିଏମ୍ ପ୍ରକାଶ ଚନ୍ଦ୍ର ବାନାର୍ଜୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଆଭାସିର ଯୋଗ ଦେଇଥିଲେ । ନୟାଗଡ଼ ପୁରୁଣା ସହର ଦାଣ୍ଡସାହିର ସ୍ୱର୍ଗତ ଶିବୁନ ସିଦ୍ଧାର୍ଥ ସାହୁ ଅଙ୍ଗଦାନ କରିଥିବାରୁ ତାଙ୍କ ମା'ଆ ଜୟନ୍ତୀ ସାହୁଙ୍କୁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ।

# କେବଳ ନାମଫଳକରେ ଚାଲିଛି ବର୍ନ ୱାର୍ଡ

ନୟାଗଡ,୧୪।୮
(ଲୋକନାଥ ମିଶ୍ର)

- ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
- ପୋଡ଼ାଜଳାରୋଗୀଙ୍କୁ କରାଯାଉଛି ରେଫର
- ୮ ଘଣ୍ଟା ଭିତରେ ମିଳୁନି ସେବା
- ଜଳୀୟ ଅଂଶ ହ୍ରାସ ନେଉଛି ରୋଗୀଙ୍କ ଜୀବନ




ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ବର୍ନ ୱାର୍ଡ (ପୋଡାଜଳା ଅନ୍ତର୍ବିଭାଗ) ନାମଫଳକରେ ଚାଲିଛି। ପୋଡାଜଳା ରୋଗୀଙ୍କୁ ଚିକିତ୍ସା କରା ନ ଯାଇ କେବଳ ରେଫର କରାଯାଉଛି। ଜଳାପୋଡ଼ା ରୋଗୀଙ୍କ ପାଇଁ ପ୍ରଥମ ୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସେମାନଙ୍କୁ ସ୍ୱାସ୍ଥ୍ୟସେବା ମିଳୁନି। ବରଂ ରେଫର କରାଯାଉଥିବାରୁ ଜଳୀୟ ଅଂଶ ହ୍ରାସ ଅନେକ ରୋଗୀଙ୍କ ଜୀବନ ନେଉଛି। ଏଭଳି ଘଟଣା ନୟାଗଡ଼ ଜିଲାରେ ବାରମ୍ବାର ଘଟି ଚାଲିଥିଲେ ମଧ୍ୟ ନିରାକରଣ ପାଇଁ ପଦକ୍ଷେପ ନ ଥିବା ଅଭିଯୋଗ ହୋଇଛି।

ଏନେଇ ଦଶପଲ୍ଲାର ସୌଦାମିନୀ ପ୍ରଧାନ କୁହନ୍ତି, ମୋର ଜଣେ ସମ୍ପର୍କୀୟା ଭଉଣୀ ୭୮ ପ୍ରତିଶତ ପୋଡି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ। ହେଲେ ପ୍ରାଥମିକ ସ୍ୱାସ୍ଥ୍ୟସେବା ନ ଦେଇ ଗୁରୁତର ଦର୍ଶାଇ ରେଫର କରି ଦିଆଗଲା। ଏଣୁ ମୋର ସମ୍ପର୍କୀୟଙ୍କ ମୃତ୍ୟୁ ଭୁବନେଶ୍ୱରରେ ହୋଇଥିଲା। ଭୁବନେଶ୍ୱରରେ ଡାକ୍ତର କହିଥିଲେ ରୋଗୀଙ୍କୁ ଆଣିବାରେ ବିଳମ୍ବ କରି ଦେବାରୁ ଅସୁବିଧା ହେଲା। ପ୍ରାଥମିକ ସ୍ୱାସ୍ଥ୍ୟସେବା ମିଳିଥିଲେ ରୋଗୀଙ୍କ ଜୀବନ ରକ୍ଷା ହୋଇ ପାରିଥାନ୍ତା। ତେବେ ଆମେ ଭାଗ୍ୟକୁ ଦୋଷ ଦେଇ ଚୁପ ରହିଲୁ। ମୋ ସମ୍ପର୍କୀୟଙ୍କ ଘଟଣାକୁ ଦେଖିଲେ ଅନେକ ରୋଗୀ ଏପରି ହଇରାଣ ହେଉଥିବା ନଜିର ରହିଛି। ଓଡ଼ଗାଁର ମାଧବୀ ବେହେରା କୁହନ୍ତି, ୩୦ ପ୍ରତିଶତ ପୋଡିଥିବା ରୋଗୀଙ୍କୁ ଗୁରୁତର ଦର୍ଶାଯାଇ ରେଫର କରାଯାଉଛି। ଯଦି ସବୁ ରୋଗୀ ଗୁରୁତର ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ନ ୱାର୍ଡ ରଖି କ'ଣ ଲାଭ। କାହିଁକି ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବ। ସ୍ୱାସ୍ଥ୍ୟ ବିଭାଗ ଏକ ବିଜ୍ଞାପନ କରି ରୋଗୀମାନଙ୍କୁ ଜଣାଇ ଦେବା ଦରକାର ବର୍ନ ୟୁନିଟ୍‌ରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ନାହିଁ, ଆପଣମାନେ କଟକ ଓ ଭୁବନେଶ୍ୱର ଯାଇ ଚିକିତ୍ସିତ ହୁଅନ୍ତୁ। ଏପରି କରାଗଲେ ରୋଗୀ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି। ନୂଆଗାଁର ଭୀମସେନ ସାହୁ କୁହନ୍ତି, ବର୍ନ ୱାର୍ଡରେ ଜଳାପୋଡା ରୋଗୀଙ୍କୁ ଆଦୌ ସ୍ୱାସ୍ଥ୍ୟ ସେବା ମିଳୁନି। ସବୁ ରୋଗୀଙ୍କୁ ରେଫର କରାଯାଉଛି। ଡାକ୍ତର ଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହନ୍ତି। ଏଭଳି ଅବ୍ୟବସ୍ଥା ରୋଗୀଙ୍କୁ ମରଣମୁହଁକୁ ଠେଲି ଦେଉଛି। ଏ ଦିଗରେ ଜିଲାପାଳ, ସିଡିଏମ୍‌ଓ ଓ ମେଡିକାଲ ସୁପରିଟେଣ୍ଡେଣ୍ଟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଭାପୁରର ସୀତା ନାୟକ କୁହନ୍ତି, ଜଳାପୋଡା ରୋଗୀର ଜଳୀୟ ଅଂଶ ହ୍ରାସ ପାଉଥିବାରୁ ରୋଗୀଙ୍କୁ ପ୍ରାଥମିକ ସେବା ସୁବିଧାରେ ମିଳିବାକୁ ବର୍ନ ୟୁନିଟ୍ ଖୋଲିଛି। ତେବେ ବର୍ଣ୍ଣ ୟୁନିଟ୍‌ରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ମିଳୁନି। ଏଣୁ ବହୁ ରୋଗୀଙ୍କ ଜୀବନ ଅକାଳରେ ଚାଲି ଯାଉଛି। ଏହାର ନିରାକରଣ ପାଇଁ ପଦକ୍ଷେପ ନ ଥିବାରୁ ରେଫର କରିବା ଏକ ସାଧାରଣ ଘଟଣା ହୋଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ସୁଶାନ୍ତ ବେହେରା କୁହନ୍ତି, ବର୍ନ ୱାର୍ଡରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ରୋଗୀ କିପରି ଭଲ ସେବା ପାଇବ ସେଥିପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ପୋଡାଜଳା ରୋଗୀଙ୍କ ପାଇଁ ପ୍ରଥମ ୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ଏଣୁ ଜଳାପୋଡା ରୋଗୀ କିପରି ଭଲ ସେବା ପାଇବ ସେଥିପ୍ରତି ବ୍ୟବସ୍ଥା କରାଯାଉଛି। ଗୁରୁତର ରୋଗୀଙ୍କୁ ରେଫର କରାଯାଉଛି ବୋଲି କହିଛନ୍ତି ।

# ନିଶାମୁକ୍ତ ଭାରତ ଅଭିଯାନ ପାଇଁ ଶପଥ

ଖଣ୍ଡପଡ଼ା,୧୪।୮ (ଅଜୟ କୁମାର ମହାରଣା)



ଶପଥ ଗ୍ରହଣରେ ସାମିଲ ହୋଇଥିବା ଛାତ୍ରୀ ଓ ଅଧାପିକା, ଅଧାପକ।

ଖଣ୍ଡପଡା ସହର ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ବୁଧବାର ନିଶାମୁକ୍ତ ଭାରତ ଅଭିଯାନ ପାଇଁ ଏକ ସମୂହ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ, ଭାରତ ସରକାରଙ୍କ ନିର୍ଦ୍ଦେଶିତ ରାଜ୍ୟ ସରକାରଙ୍କ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଖଣ୍ଡପଡା ବ୍ଲକ ପ୍ରଶାସନ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ଡ.ଅଜିତ ବସନ୍ତରାୟ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ଅଧାପିକା ବିଶ୍ୱ ଭାରତୀ ମହାରଣା ଶପଥ ପାଠ କରାଇଥିବା ବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଶତାଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି, ନିବେଦିତା ପଟ୍ଟନାୟକ ଓ ବିରଞ୍ଚି କୁମାର ମହାରଣା ସହଯୋଗ କରିଥିଲେ । ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦିଆଯାଇଥିଲା ।







# ବାଣୀଗୋଛାରେ ବିଶ୍ୱ ହସ୍ତୀ ଦିବସ ପାଳିତ

ଦଶପଲ୍ଲା,୧୪।୮ ( ପ୍ରକାଶ କୁମାର ପାଣି)




ବିପଦରେ ଗଜରାଜ। ପ୍ରତିଦିନ କେଉଁଠି ନା କେଉଁଠି ହାତୀଙ୍କ ମୃତ୍ୟୁ ଘଟୁଛି। ମହାନଦୀ ବନ୍ୟପ୍ରାଣୀ ଅଞ୍ଚଳରୁ ହାତୀ ପଲ ଗାଁକୁ ପଶିଆସୁଛନ୍ତି। ନଷ୍ଟ କରୁଛନ୍ତି ଆଦିବାସୀମାନଙ୍କ ସୁନାର ଫସଲ। ଏହି ପରିପ୍ରେକ୍ଷୀରେ ହାତୀମାନଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଓ ଜନସାଧାରଣଙ୍କୁ ସତର୍କ କରିବା ଉଦ୍ଦେଶ୍ୟରେ ବାଣୀଗୋଛା ପଶ୍ଚିମ ବନ୍ୟପ୍ରାଣୀ ପକ୍ଷରୁ ବିଶ୍ୱ ହସ୍ତୀ ଦିବସ ବାଣୀଗୋଛା ବନାଞ୍ଚଳ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ବୁଧବାର ସକାଳେ ସ୍କୁଲ ଛାତ୍ରୀଛାତ୍ରୀମାନେ ହାତରେ ପ୍ଲାକାର୍ଡ଼ ଧରି ହାତୀମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ବାଣୀଗୋଛା ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜଙ୍ଗଲ ଅବକ୍ଷୟ, ଖଣିଖାଦାନ, ଶିଳ୍ପ, କାରଖାନା, ହାତୀ କରିଡ଼ର ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ, ହାତୀ ଶୀକାର ଓ ହାତୀମାନଙ୍କ ବାସସ୍ଥଳୀ ଅଭାବରୁ ସେମାନଙ୍କ ବଂଶ ହ୍ରାସ ପାଇବାରେ ଲାଗିଛି। ହାତୀମାନଙ୍କ ବଂଶ ବୃଦ୍ଧି ଓ ସୁରକ୍ଷା ପାଇଁ ୨୦୧୨ ଅଗଷ୍ଟ ୧୨କୁ ବିଶ୍ୱ ହସ୍ତୀ ଦିବସ ରୂପେ ପାଳନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବାଣୀଗୋଛା ବନାଞ୍ଚଳ ଅଧିକାରୀ ସଂସାର ବର୍ଗିଆ ଯୋଗ ଦେଇଥିବା ବେଳେ, ବନପାଳ ରାଜ କୁମାର ଶତପଥୀ, ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ଅଜୟ କୁମାର ସ୍ୱାଇଁ, ପୁଷ୍ପଲତା ପ୍ରଧାନ, ଗୋଲକ ବେହେରା, ବନରକ୍ଷୀ ମଧୁସ୍ମିତା ନାୟକ, ରୀନା ନାୟକ ସମେତ ଫରେଷ୍ଟ ସେକସନର ସମସ୍ତ ୱାଚର୍, ଶୀକାର ନିରୋଧୀ ବନ କର୍ମଚାରୀମାନେ ସହଯୋଗ କରିଥିଲେ।




## ସ୍ୱାଧୀନତା ଦିବସ ଉପଲକ୍ଷେ ବାଇକ୍ ରାଲି

ନୟାଗଡ଼,୧୪।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ନୟାଗଡ଼ରେ ବାଇକ ରାଲି ଗୁରୁବାର ସକାଳ ୮ଘଟିକାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ବାଇକ୍ ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଳଝରି/ବରହରୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେସିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାକୁଡିହି/ରାଜଗ୍ରାମ/ପିନାରଗାରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାତିଆ–ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ହାତିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍–I= ୪୭୯, ଟାଇପ୍–II= ୪୫୬, ଟାଇପ୍–III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦ । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ) । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । (PR-524)



# ଗାଁ ସାଥୀଙ୍କ ବୈଠକ: ବିଡିଓଙ୍କ ଜରିଆରେ ଡାଟାବେସ୍ ପଠାଇବାକୁ ଗୁରୁତ୍ୱ

ନାଉଗାଁ,୧୪।୮ ( ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ସାଧୁ ଗୋସ୍ୱାମୀଙ୍କ ପୀଠରେ ଗୁରୁବାର ଗାଁ ସାଥୀମାନଙ୍କର ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୧୬ ପଞ୍ଚାୟତର ସମସ୍ତ ଗାଁସାଥୀ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ପାନୀୟ ଜଳ ବିଭାଗର ପତ୍ର ସଂଖ୍ୟା ନଂ.୨୦୮୭୭ / ୩୧।୭।୨୦୨୫ ଅନୁସାରେ ଗାଁ ସାଥୀମାନଙ୍କ ଡାଟାବେସ୍ ଠିକ୍ ଭାବେ ବିଡିଓଙ୍କ ଜରିଆରେ କିପରି ପଠାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ପରେ ସଂଘ ତରଫରୁ ବିଡିଓଙ୍କୁ ଡାଟାବେସ୍ ପଠାଇବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓ ନିରଞ୍ଜନ ପରିଡା ଆସନ୍ତା ୧୬ ଅଗଷ୍ଟରେ ଗାଁ ସାଥୀମାନଙ୍କ ଡାଟାବେସ୍ ପଠାଇବା ପାଇଁ ସଂଘର ସଭାପତିଙ୍କୁ ପ୍ରତିଶ୍ରୁତି ଦେଇଥିବା ସଭାପତି କହିଛନ୍ତି। ବୈଠକରେ ଶାରଦା ପ୍ରସନ୍ନ ଆଚାର୍ଯ୍ୟ, ଅଭିମନ୍ୟୁ ବିଶ୍ୱାଳ, ଟୁମୁଲି ଗିରି, ତୁଳସୀ କାଣ୍ଡି, କୃତ୍ତିବାସ ନାୟକ, ସାଗର ନାୟକ, ଅକ୍ଷୟ ଲେଙ୍କା, ସୁରେଶ ଦାସ, ଝୁନିଲାତା ନାୟକ, ଚିତ୍ତ ଜେନା, ଦିଲୀପ ପରିଡ଼ା ପ୍ରମୁଖ ୧୦୦ରୁ ଊର୍ଦ୍ଧ୍ୱ ଗାଁ ସାଥୀ ଯୋଗ ଦେଇଥିଲେ।

# ଜଗତ୍‌ସିଂହପୁର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା

ଜଗତ୍‌ସିଂହପୁର, ୧୪।୮ (ପ୍ରମୋଦ କୁମାର ନାୟକ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ ଭାବେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଚାଲିଛି। ଏହି କ୍ରମରେ ଗୁରୁବାର ଜଗତ୍‌ସିଂହପୁର ପୌର ପରିଷଦ ଓ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ନର୍ସିଂ କଲେଜର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଜଗତ୍‌ସିଂହପୁର ପୌର ପରିଷଦ କର୍ମଚାରୀମାନଙ୍କ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ପରିଷଦ କାର୍ଯ୍ୟାଳୟ ପରିସରରୁ ବାହାରି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, କାଉନ୍‌ସିଲର ଧୀର ଦାଶ, ମିଲ୍ଲି ସେଠୀ, କ୍ରିସ୍ନପ୍ରିୟା ପରିଜା, ଜଗତାନନ୍ଦ ପଢ଼ିହାରୀଙ୍କ ସମେତ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ ଓ ଜିଲା କ୍ରୀଡା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦର ନିର୍ବାହୀ ଅଧିକାରୀ ସୀମା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ପୋଲିସ, ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଅନୁରୂପ ଭାବେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କ ସମେତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷା ସୁଜାତା ଓତା ଜାତୀୟ ପତାକା ଧରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ତା ପରେ ମହାବିଦ୍ୟାଳୟ ପରିସରରୁ କୋର୍ଟ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଯାଇଥିଲା। ଏଥିରେ ଏନ୍‌ସିସି (ନ୍ୟାଶନାଲ କ୍ୟାଡେଟ କର୍ପସ୍), ରେଡ୍‌କ୍ରସ୍, ସ୍କାଉଟ୍ସ ଓ ଗାଇଡ୍ସର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ବିଭାଧିକାରୀ ପ୍ରାଧ୍ୟାପକ ନୃସିଂହ ଚରଣ ସାମନ୍ତରାୟ, ମିଡିଆ ସେଲ୍‌ର ଅଧ୍ୟକ୍ଷ ତଥା ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ, ପ୍ରାଧ୍ୟାପକ ଅସିତ ରଞ୍ଜନ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପିକା ମନୋଜା ମଞ୍ଜରୀ ସ୍ୱାଇଁ, ପ୍ରାଧ୍ୟାପକ ସତ୍ୟଜିତ ସାହୁ, ଏନ୍‌ସିସି କମାଣ୍ଡର ଅଧ୍ୟାପକ ନିହାର ରଞ୍ଜନ ସ୍ୱାଇଁ, ଏନ୍‌ଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ଜିତୁ ପ୍ରସାଦ ମଲ୍ଲିକ, ଅଧ୍ୟାପକ ଦିଲୀପ କୁମାର ମୁଦୁଲି, ସ୍କାଉଟ୍ସ ଓ ଗାଇଡ୍ସର ସଂଯୋଜକ ଅଧ୍ୟାପକ ଜ୍ୟୋତିର୍ମୟୀ ଦାଶ, ଅଧ୍ୟାପକ ଅମୃତାୟନ ପ୍ରିୟଦର୍ଶନ, ମୁଖ୍ୟ କିରାଣି ରମେଶ ଚନ୍ଦ୍ର ଦାସ, ପ୍ରାଧ୍ୟାପକ ଡ. ବିଜୟ କୁମାର ବିଶ୍ୱାଳଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଣଶିକ୍ଷକମାନେ ଉପସ୍ଥିତ ଥିଲେ ।



ହର୍ ଘର୍ ତିରଙ୍ଗା ଶୋଭାଯାତ୍ରାରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋଲା ଚିଠି

ପାରାଦୀପ, ୧୪।୮ (ଶରତ ରାଉତ)

ପାରାଦୀପ ମହାବିଦ୍ୟାଳୟ ସମ୍ମୁଖରେ ଯୁବନେତା ତଥା ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ରଙ୍କ ନେତୃତ୍ୱରେ ଗୁରୁବାର ଶତାଧିକ ଛାତ୍ରୀଛାତ୍ର ଓ ଯୁବ ନେତା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖୋଲା ଚିଠି ପଠାଇଛନ୍ତି। ଆଲୋକ ତାଙ୍କ ଅଭିଭାଷଣରେ କହିଥିଲେ, ଭାଜପାର ୧୩ ମାସ ଶାସନରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି, ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ଛାତ୍ରୀଛାତ୍ରମାନେ ବେଳାଭୂମିଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ମଧ୍ୟରେ ସୁରକ୍ଷିତ ନାହାନ୍ତି। ବିଭିନ୍ନ ଛାତ୍ରୀନିବାସରେ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି। ଗୋପାଳପୁରଠାରୁ, ବାଲେଶ୍ୱର ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତା ପ୍ରତିବାଦରେ ବିଜୁ ଯୁବ ଛାତ୍ର ଜନତାଦଳ ରାଜ୍ୟ ବ୍ୟାପୀ ଏପରି ଚିଠି କରାଯାଉଛି। ଥାନା ଅଧିକାରୀ ଓ ଏସପିଙ୍କୁ ଭେଟି ରାଜ୍ୟରେ ଆଇନ୍‌ଶୃଙ୍ଖଳା, ନାରୀ ଓ ଛାତ୍ରୀଙ୍କୁ ସୁରକ୍ଷା ପ୍ରଦାନ ସମ୍ପର୍କରେ ଡିଜିପିଙ୍କ ଉଦ୍ଦେଶ୍ୟରେ ଚିଠି ପ୍ରଦାନ କରାଯାଇଥିଲା। ଏଥିରେ ପାରାଦୀପ ବିଜେଡି ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ଅଜିତ ଷଡ଼ଙ୍ଗୀ, ସୁଶାନ୍ତ ଦାସ, ଜଗନ୍ନାଥ ରାଓ ଓ ନବକିଶୋର ବେହେରା ପ୍ରମୁଖ ଯୋଗଦେଇଥିଲେ।




# ଛାତ୍ରୀ, ମହିଳା ଅତ୍ୟାଚାର ବିରୋଧରେ ବିକ୍ଷୋଭ

ରଘୁନାଥପୁର,୧୪।୮(ରାଜେନ୍ଦ୍ର ନାରାୟଣ ସିଂହ)

## ଡିଜିପିଙ୍କ ଉଦ୍ଦେଶ୍ୟରେ ଛାତ୍ର, ଯୁବ ବିଜେଡିର ସ୍ମାରକପତ୍ର

ରାଜ୍ୟରେ ପ୍ରାୟ ପ୍ରତ୍ୟେକ ଦିନ ଛାତ୍ରୀ ତଥା ମହିଳାଙ୍କ ଉପରେ ଅତ୍ୟାଚାର ବଢି ଚାଲିଛି। ଏଥିରେ ରୋକ ଲଗାଯିବା ସହ ଅତ୍ୟାଚାରରେ ଶିକାର ହୋଇଥିବା ଛାତ୍ରୀ ତଥା ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଗୁରୁବାର ଯୁବଛାତ୍ର ବିଜେଡି ଆହ୍ୱାନରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବ୍ଲକ ଛକ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ରଘୁନାଥପୁର ଥାନାରେ ପହଞ୍ଚିଥିଲେ। ସେଠାରେ ପୋଲିସ ଡ଼ିଜିପିଙ୍କ ଉଦ୍ଦେଶ୍ୟରେ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ବ୍ଲକ ଯୁବ ବିଜେଡି ସଭାପତି ଜୋସେଫ ସ୍ୱାଇଁ ଓ ଛାତ୍ର ସଭାପତି ଶକ୍ତିଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକଛକ ନିକଟରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ, ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ଜିଲା ଛାତ୍ର ସଭାପତି ସମ୍ବିତ ଲେଙ୍କା, କର୍ମକର୍ତ୍ତା ଡ.ସୁରେନ୍ଦ୍ରନାଥ ମହାପାତ୍ର, ଶୁଭ୍ରକାନ୍ତ ଜେନା,ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ନିକଟସ୍ଥ ପୋଷ୍ଟ ଅଫିସକୁ ଆସି ଏ ସମ୍ପର୍କରେ ଲେଖି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପୋଷ୍ଟ କାର୍ଡ ପ୍ରେରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମକର୍ତ୍ତା ମାନସ ଦାସ, ରହିମ ଖାଁ, ଆଇନଜୀବୀ ଅନୀଲ ଖଟୁଆ, ଅନ୍ତର୍ଯାମୀ ରାଉତ,ବସନ୍ତ ବାରିକ, ଭାସ୍କର ପଟ୍ଟନାୟକ, ନିହାର ରଞ୍ଜନ ସାହୁ, ଅନ୍ତର୍ଯାମୀ ସାମଲ, ସରପଞ୍ଚ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପଲିଥିନ ମୁକ୍ତ ଅଭିଯାନ

ପଟ୍ଟାମୁଣ୍ଡାଇ, ୧୪।୮ (କଳ୍ପତରୁ ନାୟକ)

ପରିବେଶ ପ୍ରଦୂଷଣରେ ପ୍ରମୁଖ ଭୂମିକା ପଲିଥିନ ଗ୍ରହଣ କରିଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସହରକୁ ପଲିଥିନ ମୁକ୍ତ କରିବାକୁ ଅଭିଯାନ ଆରମ୍ଭ କରାଯାଇଛି। ଏହିକ୍ରମରେ ଗୁରୁବାର ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ନେତୃତ୍ୱରେ ପୌର କର୍ମଚାରୀମାନେ ପଟ୍ଟାମୁଣ୍ଡାଇ ବଜାରର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ସମେତ ଅନ୍ୟ ଦୋକାନ ଉପରେ ଚଢ଼ାଉ କରି ପଲିଥିନ ଜବତ କରିଛନ୍ତି। ଏଥିସହ ଦୋକାନୀଙ୍କ ଠାରୁ ୬, ୫୦୦ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; ବିଜ୍ଞପ୍ତି ସଂଖ୍ୟା; କାର୍ଯ୍ୟର ନାମ: ଟେଣ୍ଡର ମୂଲ୍ୟ; ଇଏମ୍‌ଡି ମୂଲ୍ୟ ନିମ୍ନ ଅନୁଯାୟୀ ଅଟେ: [୧] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୭-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ପାକୁର/ତାଳଝରି/ବରହରୱା କ୍ୱାରି ସାଇଡିଂଠାରେ ୮୫୨୬୬ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୪୪,୮୬,୬୫୪.୬୮; ₹୭,୭୨,୪୦୦.୦୦; [୨] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୮-୨୦୨୫; ରାଞ୍ଚି ମଣ୍ଡଳ କ୍ଷେତ୍ରାଧିକାର ପାଇଁ ବାଙ୍କୁଡିହ/ରାଜଗ୍ରାମ/ପିନାରଗାରିଆ କ୍ୱାରି ସାଇଡିଂଠାରେ ୮୪୮୬୧ ସିୟୁଏମ୍ ୫୦ ମିମି ଆକାର ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳ ୱାଗନ/ହପରଗୁଡ଼ିକରେ ବୋଝେଇ ଓ ଖଲାସି କରିବା (ମାପ ଗନ୍ତବ୍ୟସ୍ଥଳରେ କରାଯିବ); ₹୧୨,୩୮,୯୫,୩୬୨.୭୮; ₹୭,୬୯,୫୦୦.୦୦; [୩] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୮୯-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ବାନୋଙ୍କ କ୍ଷେତ୍ରାଧିକାର ଅଧୀନରେ ହାତିଆ-ଓର୍ଗା ସେକ୍ସନରେ କିମି ୪୨୮/୧୨ରୁ ଜିବିଏକ୍ସ(ଏକ୍ସ) ନିମନ୍ତେ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ; ₹୮୯,୯୯,୮୬୦.୮୨; ₹୧,୮୦,୦୦୦.୦୦; [୪] ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୯୦-୨୦୨୫; ଏସ୍‌ଏସ୍‌ଇ (ୱାର୍କସ୍)/ହାତିଆଙ୍କ କ୍ଷେତ୍ରାଧିକାର ଅଧୀନରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ପାଇଁ ତା୦୧।୦୭।୨୦୨୫ରିଖରୁ ତା୩୦।୦୬।୨୦୨୭ରିଖ (୦୨ ବର୍ଷ) ପର୍ଯ୍ୟନ୍ତ ୦୨ ବର୍ଷ ଅବଧି ପାଇଁ ନିମ୍ନଲିଖିତ ଜୋନାଲ୍ କାର୍ଯ୍ୟର ନିର୍ବାହ (କ) ବିଦ୍ୟମାନ ସାନିଟାରୀ ସିଷ୍ଟମ୍ ଏବଂ ଜଳ ଯୋଗାଣ ସିଷ୍ଟମ୍ ପାଇଁ ନୂଆ କାର୍ଯ୍ୟ, ଯୋଗ ଓ ପରିବର୍ତ୍ତନ; ଏପରି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଟ.୫,୦୦,୦୦୦.୦୦ (ପାଞ୍ଚ ଲକ୍ଷ ଟଙ୍କା ମାତ୍ର)ରୁ ଅଧିକ ହେବ ନାହିଁ ଏବଂ (ଖ) ସମସ୍ତ ସାଧାରଣ ଏବଂ ସ୍ୱତନ୍ତ୍ର ମରାମତି କାର୍ଯ୍ୟ, ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ଏବଂ ସାମଗ୍ରୀଗୁଡ଼ିକର ପରିବହନ [କ୍ୱାର୍ଟରଗୁଡ଼ିକର ବିବରଣୀ: ଟାଇପ୍-I= ୪୭୯, ଟାଇପ୍-II= ୪୫୬, ଟାଇପ୍-III= ୨୩, ମୋଟ = ୯୫୮ ଗୋଟି]; ₹୧,୦୦,୭୭,୪୪୦.୨୦; ₹୨,୦୦,୪୦୦.୦୦ । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା୦୪।୦୯।୨୦୨୫ରିଖ ୧୫.୦୦ ଘଟିକା (ସମସ୍ତ ଟେଣ୍ଡର ପାଇଁ) । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । (PR-524)









# ମୋ ଦୃଷ୍ଟିରେ ସ୍ୱାଧୀନତା

ଆଜି ଦେଶରେ ପାଳିତ ହେଉଛି ୭୯ତମ ସ୍ୱାଧୀନତା ଦିବସ। ଏହି ଅବସରରେ ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ବିଭିନ୍ନ ବର୍ଗର ଯୁବପିଢ଼ି ଯାହା କୁହନ୍ତି... **ରିପୋର୍ଟ: ସୌମ୍ୟରଞ୍ଜନ ରାଉତ**

## ମୋ ପାଇଁ ଦେଶ ସ୍ୱାଧୀନତାର ଅର୍ଥ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା



ମୋ ପାଇଁ ସ୍ୱାଧୀନତାର ଅର୍ଥ ନିଜ ଚିନ୍ତାଧାରା ଆଉ ଆଦବକାଇଦାକୁ ନେଇ ଜୀବନ ବଞ୍ଚିବା। ଅର୍ଥାତ୍ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା। ଆମେ ନିର୍ଭୀକ ଭାବେ ସେତେବେଳେ ଚିନ୍ତା କରିପାରିବା ଯେବେ ଆମେ ସ୍ୱାବଲମ୍ବୀ ହେଇପାରିବା। ଏଥିଲାଗି ଆବଶ୍ୟକ ହେଉଛି ଆମ ଯୁବପିଢ଼ି କୌଣସି ଭୟର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଭାବରେ ନିଜର ବୁଦ୍ଧି ଓ ବିବେକ ଆଧାରରେ ମତ ପ୍ରକାଶ କରିବାକୁ ସଶକ୍ତ ହେବା ଏବଂ ଦେଶପ୍ରେମର ଫଲ୍‌ଗୁରେ ମତୁଆଲା ହେବା। ସ୍ୱାଧୀନତାର ଅର୍ଥ କେବଳ ଦେଶରେ ବାହ୍ୟଶକ୍ତିର ଅନୁପସ୍ଥିତି ତାହା ନୁହେଁ, ବରଂ ଏହା ଏପରି ଏକ ଆଭ୍ୟନ୍ତରୀଣ ଶକ୍ତିର ଉପସ୍ଥିତି ଯାହା ଆମକୁ ଆମ ପୂର୍ବଜମାନଙ୍କର ତ୍ୟାଗର ସମ୍ମାନ ରକ୍ଷା କରିବାର ପ୍ରେରଣା ଦିଏ। ଆଗାମୀ ଦିନରେ ସେଇ ଭାବଧାରାକୁ ଆଗେଇନେଇ ଏକତା ଏବଂ ସାର୍ବଭୌମତାକୁ ବଜାୟ ରଖିବାକୁ ଆହ୍ୱାନ କରେ।

- ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଟେକ୍ ଛାତ୍ରୀ, ଏନ୍‌ଆଇଟି, ରାଉରକେଲା

## ‘ସ୍ୱାଧୀନ ଭାରତ’ର ଆଲୋଚନା ପ୍ରାସଙ୍ଗିକ ଲାଗେ



ସ୍ୱାଧୀନ ଭାରତ! ଇଂରେଜ ଅଧୀନ ପରାଧୀନତାର ଶୃଙ୍ଖଳରୁ ମୁକ୍ତହେବାର ଦୀର୍ଘ ୭୮ ବର୍ଷ ପରେ ମଧ ଏହି ‘ସ୍ୱାଧୀନ ଭାରତ’ର ଆଲୋଚନା ତଥାପି ପ୍ରାସଙ୍ଗିକ ଲାଗେ। ଆମ ଗଣମାଧ୍ୟମକୁ ମୁକ୍ତ ସ୍ୱାଧୀନତା ଲୋଡ଼ା ସରକାରୀ କଳ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ। ଆମ ସାମାଜିକ କର୍ମୀଙ୍କୁ ସ୍ୱାଧୀନତା ଲୋଡ଼ା ସରକାରୀ ଅପାରଗତାକୁ ସାମ୍ନାକୁ ଆଣିବାକୁ। ଆମ ଧର୍ମାନୁଷ୍ଠାନ ସବୁକୁ ସ୍ୱାଧୀନତା ଲୋଡ଼ା, ଚିରାଚରିତ ଅନ୍ଧବିଶ୍ୱାସରୁ, ଆମ ଗାଆଁର ହରିଜନ ସାହିକୁ ସ୍ୱାଧୀନତା ଲୋଡ଼ା, ଦାରିଦ୍ର୍ୟରୁ ନଗଡ଼ାକୁ ସ୍ୱାଧୀନତା ଲୋଡ଼ା, ଅପପୁଷ୍ଟିରୁ ଆମ ସରକାରୀ ବିଧିବ୍ୟବସ୍ଥା ଓ ଯୋଜନାକୁ ସ୍ୱାଧୀନତା ଲୋଡ଼ା, ବୋହୂମାନଙ୍କୁ ସ୍ୱାଧୀନତା ଲୋଡ଼ା ଯୌତୁକ ନିର୍ଯାତନାରୁ, ବୃଦ୍ଧ ପିତାମାତାଙ୍କୁ ସ୍ୱାଧୀନତା ଲୋଡ଼ା ବୃଦ୍ଧାଶ୍ରମରୁ ଏମିତି ଅନେକ ପ୍ରକାରର ସ୍ୱାଧୀନତା ଲୋଡ଼ା ଆମ ଏ ଦେଶକୁ। ଯୁବକ ଭାବରେ ସ୍ୱାଧୀନତାର ଏଇ ସ୍ୱପ୍ନରେ ବିଭୋରହୋଇ ତା’ର ବାସ୍ତବ ରୂପାୟନ ନିମନ୍ତେ କାର୍ଯ୍ୟକରିବାକୁ ଆମେ ଆଜି ପ୍ରତିଶ୍ରୁତିବଦ୍ଧ ହେବା।

- ଅଂଶୁମାନ ସାହୁ, ଯୁବ ସାହିତ୍ୟିକ, ଭୁବନେଶ୍ୱର

## ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା’ ଅସୁରକ୍ଷିତ



ମୋ ଦୃଷ୍ଟିରେ ସ୍ୱାଧୀନତାର ମୂଲ୍ୟ ହେଉଛି, ଖାଲି ବାହାରୁ ବନ୍ଧନମୁକ୍ତ ହେବା ନୁହେଁ। ମନରେ ଥିବା ଭୟ, ଅନ୍ୟାୟ ଓ ଅଜ୍ଞାନରୁ ମୁକ୍ତି ପାଇବା ବି ସ୍ୱାଧୀନତାର ଚିହ୍ନ। ଯେତେବେଳେ ଆମେ ଭୟ ବିନା ସତ୍ୟ କହିପାରିବୁ, ନିଜର ସ୍ୱପ୍ନ ପାଳନ କରିପାରିବୁ ଓ ଅନ୍ୟମାନଙ୍କ ସ୍ୱାଧୀନତାକୁ ସମ୍ମାନ କରିପାରିବୁ। କିନ୍ତୁ ଦୁଃଖର ବିଷୟ ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆମ ଭଉଣୀ, ମା’ମାନେ ଅନେକ ସମୟରେ ଅସୁରକ୍ଷିତ। ଯେପର୍ଯ୍ୟନ୍ତ ନାରୀଟିଏ ରାତିରେ ଗାଁ-ସହରରେ, କର୍ମକ୍ଷେତ୍ରରେ ନିର୍ଭୟରେ ଚାଲିପାରିବନି ସେପର୍ଯ୍ୟନ୍ତ ଆମ ସ୍ୱାଧୀନତା ମୂଲ୍ୟହୀନ। ତେଣୁ ସ୍ୱାଧୀନତା କେବଳ ଅଧିକାର ନୁହେଁ, ଏକ ଦାୟିତ୍ୱ ଯାହାକୁ ଆମ ପିଢ଼ି ତଥା ପ୍ରତ୍ୟେକ ପିଢ଼ିକୁ ପୂରଣ କରିବାକୁ ପଡ଼ିବ।

- କୃଷ୍ଣେନ୍ଦୁ ହୋତା, ଯୁବକବି,ବଲାଙ୍ଗୀର

## ନିଜକୁ ଉତ୍ସର୍ଗ କରିପାରିଲେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିହେବ



ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ସବୁଠୁ ଊର୍ଦ୍ଧ୍ୱକୁ ଯାଇ ମଣିଷ ହିସାବରେ ନିଜର ସମସ୍ତ ମୌଳିକ ଅଧିକାରକୁ ଉପଭୋଗକରିବା ସହ ଅନୁରୂପ ଭାବେ ଅନ୍ୟ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ହେଉଛି ବାସ୍ତବ ସ୍ୱାଧୀନତା। ‘ସ୍ୱାଧୀନତା ’ ଶବ୍ଦ ଯେତେବେଳେ ମନକୁ ଆସେ ଗୋଟେ ବଡ଼ ଦାୟିତ୍ୱବୋଧତା କାନ୍ଧ ଉପରକୁ ଆସିବା ସହ ଦେଶ ପ୍ରତି ସେବା ସମର୍ପଣ ଭାବ ସୃଷ୍ଟି ହୁଏ। କେବଳ ନିଜ ପ୍ରତି ବା ନିଜ ପରିବାର ପ୍ରତି ନୁହେଁ ବରଂ ସମଗ୍ର ଦେଶବାସୀଙ୍କ ପାଇଁ ଆମକୁ ସେବା ଦେବାକୁ ପଡ଼ିବ। କେବଳ ହାତରେ ବନ୍ଧୁକ ଧରି ସୀମାରେ ଜଗିଲେ କି ଶାସନ ଗାଦିରେ ବସିଲେ ଯେ ଦେଶର ସେବା କରିହେବ ତା’ ନୁହେଁ, ବରଂ ସମାଜ ପ୍ରତି ନିଜର ପ୍ରକୃତ କର୍ତ୍ତବ୍ୟକୁ ନିଷ୍ଠାର ସହ ବିନା ପକ୍ଷ ପାତିତାରେ ସମ୍ପାଦନ କରିପାରିଲେ ଦେଶ ପ୍ରଗତିର ଶିଖର ଛୁଇଁବ। ବିଜ୍ଞାନ, ଦର୍ଶନ, ସାହିତ୍ୟ ଏବଂ ସ୍ଥାପତ୍ୟକଳା ସହ ଅସୀମ ବିଜ୍ଞତାରେ ପରିପୂର୍ଣ୍ଣ ଆମ ଦେଶକୁ ଆଜିର ଅତ୍ୟାଧୁନିକ ଯୁଗରେ ସଫଳତାର ଶିଖରରେ ପହଞ୍ଚାଇବାକୁ ଆମ ସମସ୍ତଙ୍କୁ ବାନର ସେନା ଭଳି ନ ହେଲେ ମଧ ଗୁଣ୍ଡୁଚିମୂଷା ସଦୃଶ ସେବା ପ୍ରଦାନ କରିବାକୁ ପଡ଼ିବ। ଆମ ଦେଶକୁ ସ୍ୱାଧୀନ କରିବାରେ ଅସଂଖ୍ୟ ଦାୟାଦଙ୍କ ଲୁହ, ଲହୁ, ତ୍ୟାଗ, ପରିଶ୍ରମ ଓ ବଳିଦାନକୁ ଯଥୋଚିତ ସମ୍ମାନ ପ୍ରଦାନ ପୂର୍ବକ ନିଜକୁ ଦେଶ ବା ସମାଜ ପାଇଁ ଉତ୍ସର୍ଗ କରିପାରିଲେ ଯାଇ ଆମେ ସ୍ୱାଧୀନତାର ବାସ୍ତବ ମୂଲ୍ୟବୋଧ ବୁଝିପାରିବା।

- ସୌମ୍ୟରଞ୍ଜନ ମହାନ୍ତି, ରାଉରକେଲା ଇସ୍ପାତ କାରଖାନା

## ‘ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ’ ହେବ



ସ୍ୱାଧୀନତା ପ୍ରାପ୍ତି କରିଥିବା ସତ୍ତ୍ୱେ ଆଜି ମଧ ଅନ୍ତର୍ନିହିତ ଶତ୍ରୁଙ୍କ ଦ୍ୱାରା ଆମେ ପରାଧୀନ ଅଛୁ। କାରଣ ଆଜି ଦେଶରେ ପ୍ରତି ମୁହୂର୍ତ୍ତରେ ବଳାତ୍କାର, ହତ୍ୟା, ବ୍ୟଭିଚାର, ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ୟାୟରେ ଅନେକେ ଲିପ୍ତ ରହୁଛନ୍ତି। ଏବେ ସମୟ ଆସିଛି ଆମେ ସମସ୍ତେ ଏ ବିଷୟରେ ବିଚାର କରିବାର କାରଣ ‘ସ୍ୱ ପରିବର୍ତ୍ତନରେ ରାଷ୍ଟ୍ର ପରିବର୍ତ୍ତନ’ ହୋଇଥାଏ। ତେଣୁ ସମୟ ଆସିଛି ରାଷ୍ଟ୍ରର ପରିବର୍ତ୍ତନ ପାଇଁ ନିଜକୁ ପରିବର୍ତ୍ତନ କରିବା। - ଅଚ୍ୟୁତାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ, ଝାରସୁଗୁଡ଼ା

## ସମାନ ସମ୍ମାନ ଓ ସୁଯୋଗ ହିଁ ପ୍ରକୃତ ସ୍ୱାଧୀନତା



୧୯୪୭ ସ୍ୱାଧୀନତା ଆଇନଗତ ସଂସ୍କାର ଆଣିଥିଲା। କିନ୍ତୁ ମହିଳା ସ୍ୱାଧୀନତା ମାନସିକତାର ପରିବର୍ତ୍ତନ ଆବଶ୍ୟକ କରେ। ସମସାମୟିକ ସମାଜରେ ମହିଳା ସ୍ୱାଧୀନତାର ଅର୍ଥ କେବଳ ଆଇନଗତ ଅଧିକାର ନୁହେଁ, ବରଂ ସାମାଜିକ ସ୍ୱୀକୃତି, ଅର୍ଥନୈତିକ ସ୍ୱାବଲମ୍ବନ ଓ ମାନସିକ ସ୍ୱାଧୀନତା। ପ୍ରକୃତ ସ୍ୱାଧୀନତା ସେତେବେଳେ ସମ୍ପୂର୍ଣ୍ଣ ହେବ, ଯେତେବେଳେ ସମାଜର ପ୍ରତ୍ୟେକ ସଦସ୍ୟ ମହିଳା କି ପୁରୁଷ ସମାନ ସମ୍ମାନ ଓ ସୁଯୋଗ ପାଇବେ। - ସନ୍ଧ୍ୟାରାଣୀ ରଣା, ଛାତ୍ରୀ, କେନ୍ଦୁଝର



























# ତ୍ରିରଙ୍ଗା ଜିନିଷ କିଣିବାକୁ ବଢ଼ୁଛି ଆଗ୍ରହ

ସ୍ୱାଧୀନତା ଦିବସ ଲାଗି ସଜେଇ ହୋଇଛି ରାଜଧାନୀ। ଘରଠାରୁ କାର୍ଯ୍ୟାଳୟ ସବୁ ଆଡ଼େ ତ୍ରିରଙ୍ଗାମୟ ହୋଇଛି। ଲୋକଙ୍କ ଭିତରେ ତ୍ରିରଙ୍ଗା ପ୍ରତି ସେତିକି ଆଗ୍ରହ ଓ ଉଦ୍ଦୀପନା ବଢ଼ିବାରେ ଲାଗିଛି। ଏହି ମହାନ୍ ଦିବସକୁ ପାଳନ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏନେଇ ସ୍କୁଲ, କଲେଜ ଏବଂ କାର୍ଯ୍ୟାଳୟ ଗୁଡ଼ିକରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଛୋଟ ପିଲା ହୁଅନ୍ତୁ କି ବଡ଼ ଲୋକ ସମସ୍ତେ ତ୍ରିରଙ୍ଗ ପୋଷାକ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ଏନେଇ ରାସ୍ତାକଡ଼, ମାର୍କେଟ ଏବଂ ଦୋକାନ ଗୁଡ଼ିକରେ ତ୍ରିରଙ୍ଗା ପତାକା ସହ ବିଭିନ୍ନ ପ୍ରକାର ଡିଜାଇନର ପୋଷାକ, ସଜବାଜ ଜିନିଷ ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

ରାଜଧାନୀବାସୀ ଖଦି କପଡ଼ା ଏବଂ ସୂତା କପଡ଼ାର ତ୍ରିରଙ୍ଗା ପତାକାକୁ ଅଧିକ ପସନ୍ଦ କରନ୍ତି। ଏନେଇ ଖଦି ତ୍ରିରଙ୍ଗା ପତାକା ସବୁ ୫୦ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଉଲରେ ତିଆରି ପତାକାଗୁଡ଼ିକ ଶହେରୁ ତିନିଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ରାଜଧାନୀର ଗଳିକନ୍ଦିରେ ମାଲମାଲ ଦୋକାନ ପଡ଼ିଛି। କାଗଜ ତିଆରି ପତାକାଠାରୁ ଆରମ୍ଭ କରି ଜରି, ସୂତା ଏବଂ ପଲିଷ୍ଟର କପଡ଼ାର ପତାକା ବିକ୍ରି କରୁଛନ୍ତି। ପତାକାଗୁଡ଼ିକ ୧୦ ଟଙ୍କାରୁ ଆରମ୍ଭ ହୋଇ ୩ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। କେବଳ ପତାକା ନୁହେଁ, ଉଠାଦୋକାନୀମାନେ ତ୍ରିରଙ୍ଗା ପତାକା ଡିଜାଇନର ଉତ୍ତରୀୟ, ଟୋପି, ଶାର୍ଟ, ବ୍ରେସଲେଟ୍ ଓ ବ୍ୟାଣ୍ଡ ବିକ୍ରି କରୁଛନ୍ତି। ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତ୍ରିରଙ୍ଗା ରଙ୍ଗର ଜିନିଷ ପ୍ରତି ଆଗ୍ରହ ବଢ଼ିଥିବାରୁ ସେମାନେ ବହୁ ଜିନିଷ କିଣାକିଣି କରୁଛନ୍ତି। ସେମାନଙ୍କ ପାଇଁ ତ୍ରିରଙ୍ଗା ଡିଜାଇନର ହେୟାର୍ କ୍ଲିପ, ଶାଢ଼ି, ଓଢ଼ଣି, ଚୁଡ଼ି, ମୁଦି, କାନଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ବିକ୍ରି ହେଉଛି। ଉଠାଦୋକାନୀ ସନ୍ତୋଷ ସାହୁଙ୍କ କହିବା ଅନୁସାରେ ତ୍ରିରଙ୍ଗା ଜିନିଷ କିଣିବା ପାଇଁ ଲୋକଙ୍କ ଭିତରେ ଆଗ୍ରହ ବଢ଼ିଛି। ସେମାନେ ପସନ୍ଦକୁ ନଜରରେ ରଖି ବଜାରରେ ମଧ୍ୟ ପୋଷାକଠାରୁ ଆରମ୍ଭ କରି ବିଭିନ୍ନ ସଜବାଜ ଜିନିଷ ମିଳୁଛି। ସ୍ୱଳ୍ପ ଦାମ୍‌ରେ ସବୁ ଜିନିଷ ମିଳୁଥିବାରୁ ବେପାର ମଧ୍ୟ ଭଲ ହେଉଛି ବୋଲି ସେ କହିଛନ୍ତି।

ରିପୋର୍ଟ: **ସୁଚିସ୍ମିତା ସାହୁ, ଭୁବନେଶ୍ୱର**






















# ଦିଲ୍ଲୀ ଏମ୍ସରେ ନିଆଁ

ନୂଆଦିଲ୍ଲୀ,୧୪।୮

ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ପରିସରରେ ଥିବା ମା’ ଓ ଶିଶୁ ବ୍ଲକ୍‌ରେ ଗୁରୁବାର ଅପରାହ୍ଣ ୫ଟା ୧୫ ମିନିଟ୍ ସମୟରେ ନିଆଁ ଲାଗିଯାଇଛି। ନିଆଁଲିଭା କାର୍ଯ୍ୟରେ ଅଗ୍ନିଶମ ବିଭାଗର ୧୦ଟି ଦମକଳକୁ ନିୟୋଜିତ କରାଯାଇଛି। ତେବେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ ବୋଲି ଦିଲ୍ଲୀ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ବ୍ଲକ୍‌ରୁ ରୋଗୀ ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

# ଦୁଃସାହସିକ କାର୍ଯ୍ୟର ପରିଣାମ ଭୋଗିବ ପାକ୍

ନୂଆଦିଲ୍ଲୀ, ୧୪।୮ (ପି.ଟି.)

ଗତ ରବିବାର ପାକିସ୍ତାନ ସେନାମୁଖ୍ୟ ଆସିମ ମୁନିର ଆମେରିକାରୁ ଭାରତକୁ ଆଣବିକ ଯୁଦ୍ଧର ଧମକ ଦେଇଥିଲେ। ସେହିପରି ପାକିସ୍ତାନର ଅଧିକାର ଥିବା ଜଳର ଗୋଟିଏ ବି ବୁନ୍ଦାକୁ ଭାରତ ଛଡ଼ାଇ ନେଇପାରିବ ନାହିଁ ବୋଲି ବୁଧବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କହିଥିଲେ। ଗୁରୁବାର ଭାରତ ପକ୍ଷରୁ ଏହାର ଜବାବ ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର

**ଭାରତର ଚେତାବନୀ**

ଜୟସ୍ୱାଲ ଏକ ସାପ୍ତାହିକ ବ୍ରିଫିଂ କରି କହିଛନ୍ତି, ଗତ କିଛିଦିନ ମଧ୍ୟରେ ପାକିସ୍ତାନର ନେତୃତ୍ୱ ପକ୍ଷରୁ ଭାରତ ବିରୋଧରେ ବେପରୁଆ ଭାବେ ଘୃଣାପୂର୍ଣ୍ଣ ମନ୍ତବ୍ୟ ଦିଆଯାଉଥିବାର ରିପୋର୍ଟ ସାମ୍ନାକୁ ଆସିଛି। ନିଜର ବିଫଳତାକୁ ଲୁଚାଇବା ପାଇଁ ବାରମ୍ବାର ଭାରତ ବିରୋଧୀ ମନ୍ତବ୍ୟ ଦେବା ହେଉଛି ପାକିସ୍ତାନୀ ନେତୃତ୍ୱର ଏକ ଜଣାଶୁଣା ପଦ୍ଧତି। ପାକିସ୍ତାନୀ ନେତା ନିଜ ମନ୍ତବ୍ୟରେ ସଂଯମତା ରକ୍ଷା ରଖନ୍ତୁ ଏବଂ ନୂଆଦିଲ୍ଲୀ ବିରୋଧୀ ଘୃଣ୍ୟ ବୟାନରୁ ନିଜକୁ ନିବୃତ୍ତ ରଖନ୍ତୁ। ଯେ କୌଣସି ଦୁଃସାହସିକ କାର୍ଯ୍ୟର ପରିଣାମ ଭୟଙ୍କର ହେବ ବୋଲି ସେ ପାକିସ୍ତାନର ନେତୃତ୍ୱକୁ ଚେତାବନୀ ଦେଇ କହିଛନ୍ତି।

# ଦିଲ୍ଲୀରେ ଆଜି



ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନକୁ ଗୁରୁବାର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ଏହା ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। (ଫଟୋ: ଚମନ୍ ଗୌତମ)

# ଆତ୍ମନିର୍ଭରଶୀଳତା ଦିଗରେ ଭାରତ

ନୂଆଦିଲ୍ଲୀ,୧୪।୮(ପି.ଟି.)

ଭାରତ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ହେବା ଦିଗରେ ଅଗ୍ରସର ହେଉଥିବାବେଳେ ୨୦୪୭ ସୁଦ୍ଧା ବିକାଶିତ ରାଷ୍ଟ୍ର ହେବା ନେଇ ବଡ଼ ଆତ୍ମବିଶ୍ୱାସର ସହ ଆଗେଇ ଚାଲିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କହିଛନ୍ତି। ୭୯ତମ ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା ସହ ରପ୍ତାନି ବଢ଼ିଥିବାରୁ ଦେଶର ଅର୍ଥନୀତି ଅତ୍ୟନ୍ତ ଭଲ ସ୍ଥିତିରେ ରହିଛି। ଦୀର୍ଘବର୍ଷର ବିଦେଶୀ ଶାସନ ପରେ ଦେଶ ସ୍ୱାଧୀନ ହେବା ବେଳେ ଅତ୍ୟଧିକ ଦାରିଦ୍ର୍ୟ ରହିଥିଲା। ଗତ ୭୮ ବର୍ଷ ମଧ୍ୟରେ ସମସ୍ତ କ୍ଷେତ୍ରରେ ଆମେ ଅସାଧାରଣ ଉନ୍ନତି କରିଛେ। ଗତ ଆର୍ଥିକ ବର୍ଷରେ ୬.୫ ପ୍ରତିଶତ



ଦ୍ରୌପଦୀ ମୁର୍ମୁ

ଜିଡିପି ଅଭିବୃଦ୍ଧି ସହ ଭାରତ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକ ମଧ୍ୟରେ ଦ୍ରୁତତମ ଅଭିବୃଦ୍ଧି ହାସଲ କରିପାରିଛି। ସୁଶାସନ ଏବଂ ଅନେକ ଜନକଲ୍ୟାଣକାରୀ ଯୋଜନା ବଳରେ ବହୁସଂଖ୍ୟାରେ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ରାଷ୍ଟ୍ରପତି କହିଛନ୍ତି।

**୭୯ତମ ସ୍ୱାଧୀନତା ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ**

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ନିର୍ଣ୍ଣାୟକ ଜବାବ ଅପରେଶନ ସିନ୍ଦୂର ଜରିଆରେ ଦିଆଯାଇଥିଲା। ଏଥିପାଇଁ ଦେଶର ଏକତା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧିକୁ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି। ପହଲଗାମରେ ଆତଙ୍କବାଦୀଙ୍କ ନିରୀହ ନାଗରିକଙ୍କୁ ହତ୍ୟା କରିବା ଅତ୍ୟନ୍ତ ଭୀରୁତାପୂର୍ଣ୍ଣ ଏବଂ ଅମାନବୀୟ କାର୍ଯ୍ୟ ଥିଲା, ଯାହାକୁ ରାଷ୍ଟ୍ରପତି କଡ଼ା ନିନ୍ଦା କରିଛନ୍ତି। ସୀମାରେ ଥିବା ସେମାନଙ୍କ ଭିତ୍ତିଭୂମିକୁ ଧ୍ୱଂସ କରି ସଶସ୍ତ୍ର ବଳ ଏହାର ରଣନୈତିକ ସ୍ପଷ୍ଟତା ଓ ବୈଷୟିକ ସାମର୍ଥ୍ୟ ପ୍ରଦର୍ଶନ କରିଥିଲା। ଆତଙ୍କବାଦ ବିରୋଧୀ ବୈଶ୍ୱିକ ଲଢ଼େଇରେ ଅପରେଶନ ସିନ୍ଦୂର ଏକ ଐତିହାସିକ ଘଟଣା। ଆତଙ୍କବାଦ ବିରୋଧରେ ମାନବୀୟତାର ଲଢ଼େଇର ଏକ ଉଦାହରଣ ଭାବେ ଅପରେଶନ ସିନ୍ଦୂର ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଜମ୍ମୁ-କଶ୍ମୀର ଉପତ୍ୟକାକୁ ରେଳ ସଂଯୋଗ ଏକ ବଡ଼ ସଫଳତା କରି ରାଷ୍ଟ୍ରପତି ଏହାର ପ୍ରଶଂସା କରିଛନ୍ତି। ରେଳ ଲାଇନ ନିର୍ମାଣ ଯୋଗୁ ଉକ୍ତ ଅଞ୍ଚଳରେ ବାଣିଜ୍ୟ ଓ ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ହେବା ସହ ନୂଆ ଆର୍ଥିକ ସମ୍ଭାବନା ପାଇଁ ବାଟ ଖୋଲିଦେବ ବୋଲି ରାଷ୍ଟ୍ରପତି କହିଛନ୍ତି।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**କଶ୍ମୀରକୁ ରାଜ୍ୟ ମାନ୍ୟତା ଆବେଦନ**

ନୂଆଦିଲ୍ଲୀ,୧୪।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ପୁନର୍ବାର ରାଜ୍ୟ ମାନ୍ୟତା ଫେରାଇବା ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ରକୁ ଜବାବ ମାଗିଛନ୍ତି। ଅନେକ ବିଚାରକୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ମଧ୍ୟରେ ରଖାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ୮ ସପ୍ତାହ ପରେ କରିବାକୁ ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଶିକ୍ଷାବିତ୍ ଜହୁର ଅହମଦ ଭଟ୍ଟ ଏବଂ ସାମାଜିକ-ରାଜନୈତିକ କର୍ମୀ ଅହମଦ ମଲିକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଭଟ୍ଟଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କର ନାରାୟଣନ ତ୍ୱରିତ୍ ଶୁଣାଣି ପାଇଁ ନିବେଦନ କରିବାରୁ ସିଜେଆଇ କହିଥିଲେ, ପହଲଗାମ୍‌ରେ ଯାହା ଘଟିଲା, ତାହାକୁ ଆପଣମାନେ ଅଣଦେଖା କରିପାରିବେ ନାହିଁ। ପାର୍ଲାମେଣ୍ଟ ଓ ସରକାର ଏହା ଉପରେ ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୧୧ରେ ସର୍ବୋଚ୍ଚ ଅଦାଲତ ସର୍ବସମ୍ମତିକ୍ରମେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ କାଏମ୍ ରଖିଥିବାବେଳେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୪ ସେପ୍ଟେମ୍ବର ସୁଦ୍ଧା ବିଧାନସଭା ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜମ୍ମୁ-କଶ୍ମୀରକୁ ଯଥାଶୀଘ୍ର ରାଜ୍ୟ ମାନ୍ୟତା ଦେବା ପାଇଁ ମଧ୍ୟ ଅଦାଲତ ସେତେବେଳେ କହିଥିଲେ।

# ‘ଅପରେଶନ ସିନ୍ଦୂର’ ହିରୋଙ୍କୁ ବୀରତା ସମ୍ମାନ

ନୂଆଦିଲ୍ଲୀ,୧୪।୮

ଅପରେଶନ ସିନ୍ଦୂରରେ ପ୍ରମୁଖ ଭୂମିକା ନେଇଥିବା ସଶସ୍ତ୍ର ବଳର ଅଫିସରମାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରିବା ନିମନ୍ତେ କେନ୍ଦ୍ର ସରକାର ଗୁରୁବାର ଘୋଷଣା କରିଛନ୍ତି। ବାୟୁସେନାର ୧୩ ଜଣ ଅଫିସରଙ୍କୁ ଯୁଦ୍ଧ ସେବା ମେଡାଲରେ ସମ୍ମାନିତ କରାଯିବାକୁ ଥିବାବେଳେ ୨୬ ଅଫିସରଙ୍କୁ ବାୟୁ ସେନା ମେଡାଲ ମିଳିବ। ସେହିପରି ୪ ଜଣ ବାୟୁସେନା ଅଫିସର ଓ ୨ ଜଣ ବରିଷ୍ଠ ସେନା ଅଫିସରଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ମେଡାଲରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି।

ସର୍ବୋତ୍ତମ ଯୁଦ୍ଧସେବା ମେଡାଲ ପାଇବାକୁ ଥିବା ଅଫିସରଙ୍କ ମଧ୍ୟରେ ଅଛନ୍ତି ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ନରନଦେଶ୍ୱର ତିୱାରୀ, ୱେଷ୍ଟର୍ନ ଏୟାର କମାଣ୍ଡ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା, ଡିଜି ଏୟାର ଅପରେଶନ୍ସ ଏୟାର ମାର୍ଶାଲ ଅୱଧେଶ ଭାରତୀ, ପୂର୍ବତନ ୱେଷ୍ଟର୍ନ ନାଭାଲ କମାଣ୍ଡର ଭାଇସ୍ ଆଡମିରାଲ ଏସ୍.ଜେ. ସିଂ ପ୍ରମୁଖ। ନୌସେନା ଉପମୁଖ୍ୟ ଭାଇସ୍ ଆଡମିରାଲ ତରୁନ ସୋବ୍‌ତିଙ୍କୁ ଉତ୍ତମ ଯୁଦ୍ଧସେବା ମେଡାଲ ମିଳିବ। ବାୟୁସେନା ମେଡାଲ ପାଇବାକୁ ଥିବା ବାୟୁସେନା ଅଫିସରଙ୍କ ମଧ୍ୟରେ ଗ୍ରୁପ୍ କ୍ୟାପ୍‌ଟେନ୍ ଅଙ୍କୁର ହକିମ୍, ମାନବ ଭାଟିଆ, ୟାସିର ଫାରୁକି, ବରୁଣ ଭୋଜ, ଅନୁରାଜ ସିଂ ମିନହାସ୍, ଓମାର ବ୍ରାଓନେ, ଦୀପକ ଚୌହାନ ପ୍ରମୁଖ ରହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ